● ଚିକଲଖଣ୍ଡି ବିସ୍ଫୋରଣ ଘଟଣା

## ବୋମାମାଡ଼ ନୁହେଁ; ଗ୍ୟାସ୍ ଟାଙ୍କିରୁ ବିସ୍ଫୋରଣ

ଛତ୍ରପୁର,୨୮ ।୧(ସମିସ): ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଜି. କାମରାଜୁଙ୍କ ଘରେ ବିସ୍ଫୋରଣ ହୋଇ ଘରର କାନ୍ଥ ଏବଂ ବହୁ ସାମଗ୍ରୀ ନଷ୍ଟ ହୋଇଥିଲା। ଏଥିରୁ ତିନି ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ବୋମାମାଡ଼ ଯୋଗୁ ଏପରି ହୋଇଥିବା ଅନୁମାନ କରାଯାଉଥିବାବେଳେ ଏହାକୁ ପୁଲିସ ଖଣ୍ଡନ କରିଛି।

ଗଞ୍ଜାମ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ସାଇଣ୍ଟିଫିକ୍ ଟିମ, ଅଗ୍ନିଶମ ବିଭାଗ, ରାଜ୍ୟ ବୋମା ନିଷ୍କ୍ରିୟକାରୀ ଟିମ୍, ରାଜ୍ୟ ଫରେନ୍‌ସିକ ବିଜ୍ଞାନ ପରୀକ୍ଷାଗାର ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୂନା ସଂଗ୍ରହ କରିବା ସହିତ ଯାଞ୍ଚ କରିଥିଲେ।

ଏନେଇ ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼ାଇ କହିଛନ୍ତି, ଜି. କାମରଜୁଙ୍କ ରୋଷଇ ଘରେ ଏକ ଛୋଟିଆ ଆବଧ ଠାକୁର ଘରେ ଅଖଣ୍ଡ ଦୀପ ଜଳୁଥିଲା। ତାର ଧୂଆଁ ଏବଂ ସେଠାରେ ଥିବା ଗୋଟିଏ ଖାଲି ଓ ଆଉ ଗୋଟିଏ ଫୁଲ୍ ଗ୍ୟାସ ଟାଙ୍କି ରହିଥିଲା। ଦୀପ ଧୂଆଁ ଏବଂ ରେଗୁଲେଟର ଯୋଗେ ଧୀରେ ଧୀରେ ଆସୁଥିବା ଗ୍ୟାସ ଯୋଗୁ ଏପରି ବ୍ଲାଷ୍ଟ ହୋଇଥିବା ରାଜ୍ୟ ଫରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାର ବୈଜ୍ଞାନିକମାନେ ରିପୋର୍ଟ ଦେଇଛନ୍ତି। ତେବେ କୌଣସି ବୋମା ଫୁଟି ନାହିଁ କି କୌଣସି ବିସ୍ଫୋରକ ସାମଗ୍ରୀ ଯୋଗୁ ଏପରି ଘଟଣା ଘଟିନି ବୋଲି ଏସ୍‌ଡିପିଓ ଶ୍ରୀ ଘଡାଇ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଉପସ୍ଥିତ ଥିଲେ।

## ମା' ବାଙ୍କେଶ୍ୱରୀଙ୍କ ଦୋଳଯାତ୍ରା ପ୍ରସ୍ତୁତି

ଦିଗପହଣ୍ଡି,୨୮ ।୧(ସମିସ): ମା'ବାଙ୍କେଶ୍ୱରୀଙ୍କ ଦୋଳଯାତ୍ରା ନିମନ୍ତେ ମଙ୍ଗଳବାର ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକ ବଡ଼ଡୁମ୍ବୁଲା ଗ୍ରାମ ସ୍ଥିତ ମା'ଙ୍କ ମନ୍ଦିର ପରିସରରେ ଆୟୋଜିତ ସଭାରେ ଯାତ୍ରା କମିଟି ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥଲେ। ଆସନ୍ତା ଫାଲ୍‌ଗୁନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ମାର୍ଚ୍ଚ ୨ ତାରିଖରୁ ଚୈତ୍ର କୃଷ୍ଣପକ୍ଷ ପ୍ରତିପଦା ତିଥି ୪ ତାରିଖ ୩ ଦିନବ୍ୟାପୀ ଏହି ଯାତ୍ରା ପାଳନ ପାଇଁ ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ପୁଲିସ ଓ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ ନିମନ୍ତେ ଆଲୋଚନା କରାଯାଇଥିଲା। ସଭାରେ ଯାତ୍ରା କମିଟି ଉପସଭାପତି ତଥା ପୂର୍ବତନ ସରପଞ୍ଚ କେ.ସଞ୍ଜୀବ କୁମାର ରେଡ୍ଡୀ, ସମ୍ପାଦକ ତଥା ପୂର୍ବତନ ସରପଞ୍ଚ ଉପେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ସୁଦାମ ଦୋରା, ବଡ଼ଡୁମ୍ବୁଲା ସରପଞ୍ଚ ଗୀତାଞ୍ଜଳୀ ଜାନି, ସମିତିସଭ୍ୟ ରମେଶ ଚନ୍ଦ୍ର ପାଢ଼ୀ, କାର୍ଯ୍ୟକର୍ତ୍ତା ସନ୍ତୋଷ କୁମାର ଜାନି, ରମେଶ ଗୌଡ଼, ପୂର୍ଣ୍ଣଚନ୍ଦ୍ର ପାତ୍ର, ସୀମାଞ୍ଚଳ ରେଡ୍ଡୀ, ତ୍ରିପତି ପାତ୍ର, ରଙ୍ଗ ନାୟକଙ୍କ ସମେତ କରପଡ଼ା, ବଡ଼ଡୁମ୍ବୁଲା, ବି. ତୁରୁବୁଡ଼ି, ଗୋକର୍ଣ୍ଣପୁର, ବାସୁଦେବପୁର, କଇଠଡ଼ା, ପଦ୍ମନାଭପୁର, ଜକର, ବମକେଇ ପ୍ରଭୃତି ବିଭିନ୍ନ ପଞ୍ଚାୟତ ଅଧିନ ଗାଁ ମାନଙ୍କରୁ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ସଭାରେ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନିରଞ୍ଜନ ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

ଆସିକା,୨୮ ।୧(ସମିସ): ସ୍ଥାନୀୟ ନିରଞ୍ଜନ ସରକାରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ଼. ସରୋଜ କୁମାର ଜେନାଙ୍କ ସଂଯୋଜନାରେ ସ୍ଥାନୀୟ ବିଧାୟକ ସରୋଜ ପାଢ଼ୀ ଯୋଗ ଦେଇଥିବା ବେଳେ ମଞ୍ଚାସିନ ଥିଲେ କବି ଡ଼. ସୁଶାନ୍ତ ଦାଶ, ଅଧ୍ୟାପିକା ଡ଼. ଲିଲା ଲିଲିୟନ, ଅଧ୍ୟାପିକା ଡ଼.ସୁପ୍ରିୟା ଦାଶ, ଅଧ୍ୟାପକ ଗଣେଶ ଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନଙ୍କ ଦ୍ୱାରା କଲେଜର ବିଭିନ୍ନ ବିଭାଗର କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ନିରଞ୍ଜନ ମହିଳା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀମାନେ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କୁ ସ୍କୁଲ ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ ନେତା

ରମ୍ଭା,୨୮ ।୧(ସମିସ): ରମ୍ଭା ପ୍ରାଥମିକ ବିଦ୍ୟାଳୟ ଗୁଡିକର ବହୁବିଧ ଅସୁବିଧା ସମ୍ପର୍କରେ ପୁଣି ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କୁ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଅବଗତ କରାଇଲେ। ଛାମୁସାହି ପ୍ରାଥମିକ ବିଦ୍ୟାଳୟ, ମିଞ୍ଜିନି ପାଟଣା, ଉନ୍ନୀତ ପ୍ରାଥମିକ ବାଳିକା ବିଦ୍ୟାଳୟ, କେଉଁଠି ଛାତଘର ଭଗ୍ନ, ଜଳ ପାନୀୟ, ପାଇଖାନା ଓ ସ୍କୁଲ କାନ୍ଥକୁ ଲାଗି ପରିତ୍ୟକ୍ତ କୂଅ ଏଭଳି ଅସୁବିଧା ସମୂହ ବିଷୟ। ଅନୁସୂଚିତ ଜାତିଙ୍କ ପାଇଁ ଶ୍ମଶାନ ଗୃହ ସମ୍ପର୍କେ ସମେତ ଅନେକ ବିଷୟ ଉପରେ ଆଲୋଚନା କରିଥିଲେ।

## ଡଲଫିନ୍ ଗଣନା ଅଭିଯାନ

ବ୍ରହ୍ମପୁର,୨୮ ।୧(ସମିସ): ପ୍ରୟାଗୀ ଠାରୁ ଅନନ୍ତରାୟପୁର ପର୍ଯ୍ୟନ୍ତ ସୁଦୀର୍ଘ ୫୬ କିଲୋମିଟର ବେଳାଭୂମିରେ ପ୍ରତି ବର୍ଷ ବନ ବିଭାଗ ପକ୍ଷରୁ ଡଲଫିନ୍ ଗଣନା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ବ୍ରହ୍ମପୁର ଓ ଖଲ୍ଲିକୋଟ ରେଞ୍ଜର କର୍ମଚାରୀଙ୍କୁ ନେଇ ମୋଟ ୬ଟି ଟିମ୍ ୩ଦିନ ଧରି ଗଣନାରେ ନିୟୋଜିତ ଥିଲେ। ୨୦୨୩ରେ ବନଖଣ୍ଡରେ ୧୦ଟି ଡଲଫିନ୍ ଦେଖାଯାଇଥିଲା। ୨୪ରେ ଗଣନା ସମୟରେ ଗୋଟିଏ ବି ଦେଖାଯାଇନଥିଲା। ୨୦୨୫ରେ ୧୩ଟି ଦେଖାଯାଇ ଥିଲା। ସେହିପରି ୨୦୨୬ରେ ମଧ ସମାନ ସଂଖ୍ୟକ ଡଲଫିନ୍ ବନଖଣ୍ଡ ଅଞ୍ଚଳରେ ଦେଖାଯାଇଛି।

# ସରକାରୀ ଜମି ଜବରଦଖଲ ନେଇ ଉତ୍ତେଜନା

ଦିଗପହଣ୍ଡି,୨୮ ।୧(ସମିସ)




ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ଗ୍ରାମର ଏକାଧିକ ଏକର ସରକାରୀ ଜମି ଜବରଦଖଲକୁ କେନ୍ଦ୍ରକରି ଗତ ଦୁଇଦିନ ହେଲା ଗାଁରେ ଚାପା ଉତ୍ତେଜନା ଲାଗି ରହିଛି। ବ୍ରହ୍ମପୁର ଏବଂ ଦିଗପହଣ୍ଡିର ଦୁଇଜଣ ପ୍ରଭାବଶାଳୀ ବ୍ୟକ୍ତି ଆଙ୍କୋରଡ଼ା ମୌଜାର ପ୍ରାୟ ୭୭ ଏକର ଅନାବାଦୀ ଗୋଚର ଜମିକୁ ଜବରଦଖଲ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୨୦ ମାର୍ଚ୍ଚ ୨ ତାରିଖରେ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ପ୍ରାୟ ୩ ଏକର ଜମିରେ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ସେଠାରେ ପାର୍କ, ସରକାରୀ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଓ ମିଶନ ଶକ୍ତି କୋଠା ନିର୍ମାଣ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମୟରେ ରାମ ଦୋଳି ପକାଇବାକୁ ମନ୍ଦିର ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଅନୁମତି ନିଆଯାଇ ତାଙ୍କ ଜମି ହିଡ଼କୁ ସମତୁଲ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରି ପିଲର ପୋତିବା ସହ ପ୍ରାୟ ୪ ଶହ ଏକର ଜମିକୁ ଜଳସେଚନ ପାଇଁ ପାଣି ଯୋଗାଉଥିବା କ୍ଷୁଦ୍ର ଜଳସେଚନ ବିଭାଗର ବଡ଼ବନ୍ଧ ସାଗରର ରାସ୍ତା ଓ ପାଶ୍ୱର୍ରେ ଥିବା ସରକାରୀ ଜମିକୁ ବେଆଇନ ଭାବେ ଜବରଦଖଲ କରି ପିଲର ପୋତି ଥିଲେ। ଫଳରେ ବଡ଼ବନ୍ଧକୁ ଲୋକେ ଯା ଆସ କରୁଥିବା ରାସ୍ତାଟି ସଂକୀର୍ଣ୍ଣ ହୋଇଯାଇଥିଲା। ଏନେଇ ଗ୍ରାମରେ ସଭା କରାଯାଇ ଉକ୍ତ ପିଲର ଉପାଡ଼ି ଫିଙ୍ଗି ଦିଆଯାଇଥିଲା। ଉକ୍ତ ବ୍ୟକ୍ତି ଜଣକ ଏନେଇ ଗ୍ରାମର ମୁଖିଆ ତଥା ପୂର୍ବତନ ସରପଞ୍ଚ ନିରାକାର ପ୍ରଧାନ, ତାରକେଶ୍ୱର ଦୋରା, ସନ୍ୟାସୀ ପ୍ରଧାନ ଏବଂ ଅନ୍ୟ କିଛି ବ୍ୟକ୍ତିଙ୍କ ନାଁରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଥାନାରେ ହାଜର ହେବାକୁ ପୁଲିସ ସେମାନଙ୍କୁ କହିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏକ ଜରୁରୀ ବୈଠକରେ ବହୁସଂଖ୍ୟକ ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ପରେ ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଆଙ୍କୋରଡ଼ା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଶିଶିର କୁମାର ପ୍ରଧାନ, ତାରକେଶ୍ୱର ଦୋରା, ନିରାକାର ପ୍ରଧାନଙ୍କ ନେତୃତ୍ୱରେ ଥାନାରେ ପହଞ୍ଚିଥିଲେ। ଥାନାରେ ଥିବା ଜଣେ କର୍ମଚାରୀ ଗାଁ ମୁଖିଆ ମାନଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରି ଧମକ ଦେବାରୁ ଲୋକେ ଉତ୍ତେଜିତ ହୋଇ ହୋ-ହଲ୍ଲା କରିଥିଲେ। ପରେ ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ବିବାଦୀୟ ଜମିର ସୀମା ସରହଦ (ଡିମାର୍କେସନ) କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

## ମା' ମହୁରୀ କାଳୁଆ ମନ୍ଦିରରୁ ଚୋରି; ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଦିଗପହଣ୍ଡି/କୁକୁଡ଼ାଖଣ୍ଡି,୨୮ ।୧(ସମିସ): ସମଗ୍ର ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ ମା' ମହୁରୀ କାଳୁଆଙ୍କ ମନ୍ଦିର ଗର୍ଭଗୃହରୁ ଦୁର୍ବୃତ୍ତ ମାନେ ଭକ୍ତ ପ୍ରଦାନ କରିଥିବା ମା'ଙ୍କ ମସ୍ତକରୁ ରୁପା ମୁକୁଟ, ଫୁଲକଣା, ନୋଥ, ସୁନା ମଙ୍ଗଳସୂତ୍ର ଓ ମନ୍ଦିରର କିଛି ପୂଜା ସାମଗ୍ରୀ ଲୁଟି ନେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଚୋରି ହୋଇଛି। ମନ୍ଦିର ପୂଜକ ଦେବେନ୍ଦ୍ର ଡାକୁଆ ରାତ୍ର ପହଡ଼ କରି ପ୍ରାୟ ୧୨ଟାରେ ମନ୍ଦିର କବାଟ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ଭୋରରେ ସେ ସକାଳ ପୂଜା ପାଇଁ ଆସି ମା'ଙ୍କ ପ୍ରତିମୂର୍ତ୍ତିରୁ ସମସ୍ତ ଅଳଙ୍କାର ଓ କିଛି ପୂଜା ସାମଗ୍ରୀ ଚୋରି ହୋଇଥିବା ଜାଣିଥିଲେ। ସେ ଏନେଇ ମନ୍ଦିର ପରିଚାଳନା କମିଟି



ସମ୍ପାଦକ ନିରଞ୍ଜନ ମହାନ୍ତି, ଅନନ୍ତେଇ ସରପଞ୍ଚ ପ୍ରତିନିଧି କାମେଶ୍ୱର ବିଶ୍ୱାଳ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଫୋନ କରି ଜଣାଇଥିଲେ। ଏନେଇ ଦିଗପହଣ୍ଡି ଥାନାକୁ ଖବର ଦିଆଯିବା ପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସଦଳବଳେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମନ୍ଦିର ପାଶ୍ୱର୍ ଭଙ୍ଗାଯାଇ ପୁନଃ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କିଛି ଦୁର୍ବୃତ୍ତ ପାଚେରି ଡେଇଁ ମନ୍ଦିର ଗର୍ଭଗୃହରେ ପଶି ଏହି ଚୋରି କରିଥିବା ଜଣାପଡିଛି। ଏନେଇ ମନ୍ଦିର ପରିଚାଳନା କମିଟି ସମ୍ପାଦକ ନିରଞ୍ଜନ ମହାନ୍ତି ଥାନାରେ ଏତଲା ଦେବାପରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି କହିଛନ୍ତି।

● ଗୋପାଳପୁର-ରେଢ଼ାଖୋଲ ଭାୟା ଭଞ୍ଜନଗର ରେଳପଥ ନିର୍ମାଣ

## ଯନ୍ତରମନ୍ତରରେ ଅନଶନ କରିବ ମିଳିତ କ୍ରିୟାନୁଷ୍ଠାନ କମିଟି

ଭଞ୍ଜନଗର,୨୮।୧(ସମିସ): ବହୁ ପ୍ରତୀକ୍ଷିତ ଗୋପାଳପୁର-ରେଢାଖୋଲ ଭାୟା ଭଞ୍ଜନଗର ରେଳପଥ ପାଇଁ କେନ୍ଦ୍ରୀୟ ଅନୁଦାନ ପ୍ରଦାନରେ ଟାଳଟୁଳ ନୀତି ପ୍ରତିବାଦରେ ଦିଲ୍ଲୀ ଯନ୍ତରମନ୍ତରରେ ଅନଶନ କରିବ ରେଳପଥ ମିଳିତ କ୍ରିୟାନୁଷ୍ଠାନ କମିଟି। ସ୍ଥାନୀୟ ଓକିଲ ସଂଘ ଲାଇବ୍ରେରୀ ହଲ୍‌ଠାରେ ଦକ୍ଷିଣ ଓଡ଼ିଶା ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଏକ ବୈଠକ ଓକିଲ ସଂଘ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଓକିଲ ତଥା ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକ, ଓକିଲ ସଂଘ ସଂପାଦକ ଜ୍ୟୋତିରାଜ ପତି, ମୁରଲୀଧର ପଣ୍ଡା, ଦକ୍ଷିଣ ଓଡିଶା ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବ୍ରହ୍ମପୁରରୁ ପ୍ରୀତିଶ କୁମାର ପାଣିଗ୍ରାହୀ, ଉମାକାନ୍ତ ସାହୁ, ବିନୋଦ କୁମାର ଠାକୁର, ସରୋଜ ପଟ୍ଟନାୟକ, ପ୍ରବୀଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ସଦସ୍ୟମାନେ ଏହି ରେଳପଥ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ସାମିଲ କରାଯାଇଥିଲେ ମଧ ଏହାର ନିର୍ମାଣ ପାଇଁ ଏଯାଏ କେନ୍ଦ୍ରୀୟ ଅନୁଦାନ ନମିଳିବା ପ୍ରତିବାଦରେ ଦିଲ୍ଲୀ ଯନ୍ତରମନ୍ତରରେ ଅନଶନ କରାଯିବ ବୋଲି ଉଲ୍ଲେଖ କରିଥିଲେ। ଆସନ୍ତା ମାର୍ଚ୍ଚ ୧୭ରୁ ଏଥିପାଇଁ ଏକ ଟିମ୍ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବ। ଏମାନେ ସେଠାରେ ଅନଶନ କରିବା ସହ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଆଲୋଚନା କରିବା କାର୍ଯ୍ୟକ୍ରମ ମଧ ରହିଛି।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁକୁଡାଖଣ୍ଡି,୨୮ ।୧(ସମିସ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ନିମଖଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଆର୍‌ସିସି ବସନ୍ତ କୁମାର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁ ମାନଙ୍କ ଶିକ୍ଷା ସହ ସଂସ୍କାର ଓ ଚରିତ୍ର ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ସ୍ଥାନୀୟ ଜିଲ୍ଲାପରିଷଦ ସଦସ୍ୟା ଭାରତୀ ନାୟକ, ସରପଞ୍ଚ ଶଶୀ ବେହେରା, ସମିତିସଭ୍ୟା ବିଷ୍ଣୁ ବେହେରା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଟି. ମୀନା କୁମାରୀ, ସିଆର୍‌ସିସି ଜୟରାମ ସାହୁ, ଏସ୍‌ଏମ୍‌ସି ସଭାପତି ଶିବାନୀ ରାଉଳ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ସାହୁ ମଞ୍ଚାସିନ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ/ଶିକ୍ଷୟିତ୍ରୀ ତଥା ସିଆରସିସି ରାଜୁ ପ୍ରଧାନ, ଶିବରାମ ମାହାଙ୍କୁଡ, ବିଷ୍ଣୁ ନାୟକ, ହେମନ୍ତ କୁମାର ସେଠୀ, ଦୁଷ୍ମନ୍ତ ପଟ୍ଟନାୟକ, ଡ଼ି ସନାତନ ପ୍ରଧାନ, ବିଶ୍ୱରଞ୍ଜନ ରଥ, ସରସ୍ୱତୀ ଅଚାରୀ, ସୁନୀଲା କୁମାରୀ, କାଜଲ ପଣ୍ଡା, ଶ୍ୟାମସୁନ୍ଦର ତ୍ରିପାଠୀ, ମମତା ଅଚାରୀଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।

## ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ




କବିସୂର୍ଯ୍ୟନଗର,୨୮ ।୧(ସମିସ): ସ୍ଥାନୀୟ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟର +୩ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ପ୍ରାଣୀବିଜ୍ଞାନ ଅଧ୍ୟାପିକା ସନ୍ତୋଷିନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାଷ୍ଟର ଟ୍ରେନର ଜୟନ୍ତୀ କୁମାରୀ ପ୍ରଧାନ ଓ ରଶ୍ମି ପ୍ରଧାନ ଛାତ୍ରୀମାନଙ୍କୁ ତାଲିମ୍ ଦେଇଥିଲେ। ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ସୁବ୍ରତ କୁମାର ପାଢ଼ୀ, ଅଧ୍ୟାପକ ଡ଼ଃ. ପ୍ରଦୀପ କୁମାର ମହାପାତ୍ର, ଅଧ୍ୟାପିକା ଆଭାରାଣୀ ପଟ୍ଟନାୟକ, ସମାଜସେବୀ ବିଷ୍ଣୁପ୍ରିୟା ଦାଶ ଉପସ୍ଥିତ ରହି ତାଲିମ୍‌ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ନୋଡାଲ ଅଫିସର ସନ୍ତୋଷିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରଙ୍ଗେଇଲୁଣ୍ଡା,୨୮ ।୧(ସମିସ): ଗୋଳନ୍ଥରା ଚଟି ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷା ପ୍ରତିମା ସାହୁ ସଭାପତିତ୍ୱ କରୁଥିବା ବେଳେ ସହକାରୀ ଶିକ୍ଷକ ସୁମିତ କୁମାର ଜେନା ଓ ଗୀତାଞ୍ଜଳି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଶିକ୍ଷା ପ୍ରତିନିଧି ଗଙ୍ଗାଧର ଶତପଥି, ମୁଖ୍ୟବକ୍ତା ଅବସରପ୍ରାପ୍ତ ବିଦ୍ୟାଳୟ ଏସ୍‌ଆଇ କେ. କ୍ରିଷ୍ଣା ମୂର୍ତ୍ତି, ସମ୍ମାନିତ ଅତିଥି ଗୋଳନ୍ଥରା ସରପଞ୍ଚ ପ୍ରବୀଣା ଜେନା, ସମିତି ସଭ୍ୟ ପ୍ରବୀଣା ପ୍ରଧାନ, ଦୀପକ କୁମାର ଜେନା, ଏବିଇଓ ସୁକାନ୍ତ କୁମାର ଜେନା, ସିଆରସିସି ରବୀନ୍ଦ୍ର ସେଠି, ପାଲୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାସିନୀ ସେଠୀ ଯୋଗ ଦେଇଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଦିଗପହଣ୍ଡିରେ ବନ୍ଦ ପ୍ରଭାବଶୂନ୍ୟ

ଦିଗପହଣ୍ଡି,୨୮ ।୧(ସମିସ): ଦିଗପହଣ୍ଡି ଓ ଆଖପାଖ ଅଞ୍ଚଳରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ଡ଼ାକରା ଦିଆଯାଇଥିବା ୮ ଘଣ୍ଟିଆ ବନ୍ଦ ପାଳନ ପ୍ରଭାବ ଶୂନ୍ୟ ହୋଇଥିବା ଦେଖିବାକୁ ମିଳିଛି। ସମସ୍ତ ଦୋକାନ ବଜାର ଖୋଲା ଥିବା ବେଳେ ଯାତ୍ରୀବାହୀ ବସ୍ ଚଳାଚଳ ସ୍ୱାଭାବିକ ରହିଛି। ଦିଗପହଣ୍ଡି ଅଞ୍ଚଳରେ ନବ ନିର୍ମାଣ କୃଷକ ସଙ୍ଗଠନର କୌଣସି ଶାଖା କିମ୍ବା ସଭ୍ୟ ନଥିବା କାରଣରୁ ବନ୍ଦ ପାଳନ କରାଯାଇନଥିବା ଜଣାପଡ଼ିଛି।




ମାଙ୍କଡ଼କୁ ମହଙ୍ଗା ପଡ଼ିଲା ବିସ୍କୁଟ୍ ଲୋଭ

# ୮ ଦିନ ହେଲା ମୁଣ୍ଡରେ ପଶିଛି ଡବା

ବେଲଗୁଣ୍ଠା,୨୮ ।୧(ସମିସ)



ମାଙ୍କଡ଼କୁ ମହଙ୍ଗା ପଡ଼ିଲା ଚକୋଲେଟ୍ ଲୋଭ। ୮ ଦିନ ହେଲା ମୁଣ୍ଡରେ ପଶିଛି ଡବା। ଏପରି ଘଟଣା ଦେଖିବାକୁ ମିଳିଛି ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ରତ୍ନପୁର ଅଞ୍ଚଳରେ।

ଲୋକେ ଦେଖିବା ପରେ ବନବିଭାଗକୁ ଖବର ଦେଇଥିଲେ। ଗାଙ୍ଗପୁର ବନପାଳ ଶଙ୍କର୍ଷଣ ଗୌଡ଼ ତାଙ୍କର ଉଦ୍ଧାରକାରୀ ଦଳ ସହ ଜାଲ ଓ ବିଭିନ୍ନ ସରଞ୍ଜାମ ଧରି ମାଙ୍କଡ଼କୁ ଉଦ୍ଧାର ପାଇଁ ଉଦ୍ୟମ ଚଳାଇଛନ୍ତି। ପ୍ରାୟ ୮ ଦିନ ହେବ ଏହି ପାତି ମାଙ୍କଡ଼ ନେଟଙ୍ଗାର ଜନୈକ ଦୋକାନରୁ ଏକ ବିସ୍କୁଟ ଡବା ନେଇ ପଳାଇ ଆସିଥିଲା। ଡବା ଭିତରେ ମୁଣ୍ଡ ପୁରାଇ ଖାଇବା ପରେ ଏହା ଲାଖି ଯାଇଥିଲା। କାଢ଼ିବାରେ ବିଫଳ ହେବାପରେ ଦୌଡି ଏକ ଗଛ ଉପରେ ଚଢି ଯାଇଥିଲା। ଡବାଟି ଧଳା ରଙ୍ଗର ହୋଇଥିବାରୁ ସେ ଦେଖି ପାରୁଥିଲେ ମଧ ସପ୍ତାହେ ହେଲା ଖାଇନାହିଁ। ତଥାପି ଲୋକଙ୍କ ହାତରେ ଧରାପଡିଯିବା ଭୟରେ ଏ ଡାଳରୁ ସେ ଡାଳ ଡେଉଁଛି। ଗାଙ୍ଗପୁର

### ଉଦ୍ଧାର ପାଇଁ ବନବିଭାଗର ଉଦ୍ୟମ

ବନପାଳ ଶଙ୍କର୍ଷଣ ଗୌଡ଼ ଖବର ପାଇ ନେଟଙ୍ଗାରେ ପହଞ୍ଚି ମାଙ୍କଡ଼ଟିକୁ ଉଦ୍ଧାର କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ସନ୍ଧ୍ୟା ସୁଦ୍ଧା ମାଙ୍କଡ଼ଟିକୁ କାବୁ କରାଯାଇପାରିନାହିଁ। ରାତି ହୋଇଯାଇଥିବାରୁ ମାଙ୍କଡ଼ଟି ଗଛ ଉପରକୁ ଚାଲିଯାଇଥିବାରୁ ଗୁରୁବାର ଉଦ୍ଧାର କରାଯିବ ବୋଲି ବନପାଳ କହିଛନ୍ତି।

## ଆଠଗଡ଼ପାଟଣାରେ ବ୍ୟାପୁଛି କିଡ୍‌ନୀ ରୋଗ

କବିସୂର୍ଯ୍ୟନଗର,୨୮ ।୧(ସମିସ): କବିସୂର୍ଯ୍ୟନଗର ଆଠଗଡ଼ପାଟଣା ଗ୍ରାମ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଯୋଗୁ କିଡ୍‌ନୀ ରୋଗ ବୃଦ୍ଧି ପାଇବା ସହ ଜଳ ପରୀକ୍ଷଣ ଓ ଏହାର ପ୍ରତିକାର ପାଇଁ ସୁଧର୍ମା ସେବା ସଂଘ ପକ୍ଷରୁ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀ ନିକଟରେ ଅଭିଯୋଗ କରାଯାଇଛି। ଗତ ଦୁଇବର୍ଷ ମଧ୍ୟରେ ଆଠଗଡ଼ପାଟଣାରେ କିଡ୍‌ନୀ ରୋଗରେ ବହୁଲୋକ ଆକ୍ରାନ୍ତ ହୋଇ ଜୀବନ ହାରିଲେଣି। ପ୍ରତ୍ୟେକ ସାହିରେ ୨ରୁ ଅଧିକ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଲେଣି। ଗ୍ରାମରେ ବହୁ କୂଅ, ନଳକୂପ, ପୋଖରୀ ପାଣି ବ୍ୟବହାର ଫଳରେ ଅସୁସ୍ଥତା ଅନୁଭବ କରୁଥିବା ଅଭିଯୋଗ ହୋଇଛି। ସୁଧର୍ମା ସେବା ସଂଘ ପକ୍ଷରୁ ପାନୀୟ ଜଳର ଉତ୍ସ ତୁରନ୍ତ ବୈଜ୍ଞାନିକ ଭିତ୍ତିରେ ପରୀକ୍ଷଣ କରିବା ସହ ପ୍ରତିକାର କରିବାକୁ ଦାବି କରିଛନ୍ତି। ଏନେଇ ଗଞ୍ଜାମ ଜିଲ୍ଲାପାଳ ସହ ଜିଲ୍ଲା ଚିକିତ୍ସା ଅଧିକାରୀ, ବିଡ଼ିଓ, ବିଧାୟକ, ସ୍ୱାସ୍ଥ୍ୟ ଉଚ୍ଚ ଆୟୋଗ, ପଞ୍ଚାୟତ ପ୍ରଶାସନ, ଆଠଗଡ଼ ସରପଞ୍ଚଙ୍କୁ ପତ୍ର ଲେଖି ଅଭିଯୋଗ ଜଣାଇଛନ୍ତି।

## ନବନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ
# ରାସ୍ତା ଉପରେ ଧାନବସ୍ତା ରଖି ଅବରୋଧ

ପାରଳାଖେମୁଣ୍ଡି,୨୮ ।୧(ସମିସ)



ନବନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦର ପ୍ରଭାବ ଗଜପତି ଜିଲ୍ଲାରେ ଦେଖିବାକୁ ମିଳିଛି। ଜିଲ୍ଲାରେ ଯାନବାହାନ ଚଳାଚଳ, ଦୋକାନ, ବଜାର ସ୍ୱାଭାବିକ ରହିଥିଲା । ପାରଳାଖେମୁଣ୍ଡି ସହର ପ୍ରବେଶ ପଥ ଫରେଷ୍ଟ ଗେଟ୍ ଛକ ନିକଟରେ ରାସ୍ତା ଉପରେ ଧାନ ବସ୍ତା ରଖି, ଟାୟାର ଜାଳି ରାସ୍ତା ଦୀର୍ଘ ସମୟ ଧରି ଚାଷୀ ରାସ୍ତା ଅବରୋଧ କରିଥିଲେ। ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ପ୍ରଭାରୀ ରଞ୍ଜିତ ପଟ୍ଟନାୟକଙ୍କ ନେତୃତ୍ୱରେ ଶହ ଶହ ଚାଷୀ ଏକତ୍ର ହୋଇ ରାସ୍ତା ଉପରେ ସରକାରୀ ବିରୋଧୀ ନାରାବାଜି କରିବା ସହ ମଣ୍ଡିରେ ଧାନ କିଣା ପରିବର୍ତ୍ତେ ମିଲର କିଣୁଛନ୍ତି ଧାନ, ୬ କିଲୋ ପର୍ଯ୍ୟନ୍ତ କଟ୍‌ନୀ ଛଟ୍‌ନୀ ହେଉଛି, ଅଖା ଓ ପରିବହନ ଖର୍ଚ୍ଚ ଟଙ୍କା ଚାଷୀଙ୍କୁ ମିଳୁନି, ଅନେକ ଚାଷୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଟୋକନ ମିଳିନାହିଁ, ନିର୍ବାଚନ ଇସ୍ତାହାରରେ ୩୦୦ ୟୁନିଟ ବିଦ୍ୟୁତ୍ ବିଲ ଛାଡ଼ କରିବେ ବୋଲି ପ୍ରତିଶ୍ରୁତି ଦେଇ ଟାଟା ପାୱାର ଦ୍ୱାରା ସ୍ମାର୍ଟ ମିଟର ଲଗାଇ ବିଦ୍ୟୁତ ବିଲ ମାଧ୍ୟମରେ ଚାଷୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ କରାଯାଇଥିଲା। ଓଡିଶାରୁ ବିଦ୍ୟୁତ ନେଇ ଆନ୍ଧ୍ର ମାଗଣାରେ ଚାଷୀଙ୍କୁ ଯୋଗାଉଥିବା ବେଳେ ଓଡ଼ିଶାରେ ଓଲଟା ସ୍ଥିତି ରହିଛି। ଏହି ସବୁର ପ୍ରତିବାଦ କରି ବନ୍ଦ ପାଳନ ସମୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଥିଲା। ଯାତାୟତ କିଛି ମାତ୍ରାରେ ବାଧାପ୍ରାପ୍ତ ଫଳରେ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସହରାଞ୍ଚଳକୁ ବାଦ ଦେଲେ ଜିଲ୍ଲାର ଅନ୍ୟ କେଉଁଠି ବଡ ଧରଣର ଆନ୍ଦୋଳନ ଦେଖିବାକୁ ମିଳିନଥିବା ବେଳେ ପ୍ରାୟତଃ ଗ୍ରାମାଞ୍ଚଳରେ ଦୋକାନ ବଜାର, ଯାନବାହାନ ଚଳାଚଳ ସ୍ୱାଭାବିକ ରହିଥିଲା। ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିଥିବା ବେଳେ କିଛି ଶିକ୍ଷାନୁଷ୍ଠାନ ଖୋଲାତ ଆଉ କିଛି ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ନବନିର୍ମାଣ କୃଷକ ସଂଘର ବନ୍ଦ ଡାକରାକୁ ସମର୍ଥନ ଦେଇଥିବା କଂଗ୍ରେସର ଜିଲ୍ଲା ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ପହଞ୍ଚି ସରକାର ବିରୋଧୀ ନାରାବାଜି କରିଥିଲେ। ଆନ୍ଦୋଳନ ସ୍ଥଳରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗା, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ସମବାୟ ସମିତିର ଜିଲ୍ଲା ମୁଖ୍ୟ ହରିହର ସେଠ୍, ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଏହି ଆନ୍ଦୋଳନରେ ଜିଲ୍ଲାର ବହୁସଂଖ୍ୟକ ଚାଷୀନେତା ମାନେ ଯୋଗଦେଇଥିଲେ। ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

## ଜି.ଉଦୟଗିରିରେ ଯାନବାହନ ଚଳାଚଳ ବନ୍ଦ



ଜି.ଉଦୟଗିରି,୨୮ ।୧(ସମିସ): ନବନିର୍ମାଣ କୃଷକ ସଂଗଠନ ଓଡ଼ିଶା ବନ୍ଦ ଡାକରା ଦେଇଥିବା ବେଳେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଯାନବାହାନ ଚଳାଚଳ ବନ୍ଦ ରହିଥିଲା। କାଁ ଭାଁ ଦୋକାନ ବଜାର ଖୋଲା ଥିଲା। ବଜାର ଖାଁ ଖାଁ ରହିଥିଲା। ଜି.ଉଦୟଗିରିରୁ ଗଞ୍ଜାମ ଜିଲ୍ଲା, ଭୁବନେଶ୍ୱର, ଫୁଲବାଣୀକୁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ପ୍ରବେଶ ପଥ କଳିଙ୍ଗା ବଜାର ମଧ୍ୟ ଖାଁ ଖାଁ ରହିଥିଲା।

## ଟିକାବାଲିରେ ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ



ଟିକାବାଲି,୨୮ ।୧(ସମିସ): ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ଟିକାବାଲି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ ପାଇଁ ନିବେଦନ କରାଯାଇଥିଲା। ଆଜି ସକାଳୁ ଟିକାବାଲି ତଥା ଏହାର ଆଖପାଖ ଅଞ୍ଚଳରେ କଂଗ୍ରେସ କର୍ମୀ ଏକାଠି ହୋଇ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଯାନବାହନ ଚଳାଚଳ ବନ୍ଦ ରଖିବାକୁ ଅନୁରୋଧ କରିଥିଲେ। ସ୍ଥାନୀୟ ବଜାରରେ କଂଗ୍ରେସ ନେତୃବୃନ୍ଦ ବୁଲି ବୁଲି ବ୍ୟବସାୟୀ ଏବଂ ଜନସାଧାରଣଙ୍କୁ ବନ୍ଦ ପ୍ରତି ସମର୍ଥନ ଜଣାଇବାକୁ କହିଥିଲେ। ଫଳରେ ସହରର କିଛି ଅଂଶରେ ଦୋକାନ ବଜାର ବନ୍ଦ ରହିବା ସହ ଗାଡ଼ି ମଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପଟେ ଜରୁରୀକାଳୀନ ସେବାକୁ ଏହି ବନ୍ଦରୁ ମୁକ୍ତ ରଖାଯାଇଥିବା ନେଇ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

### ଜାତୀୟ ନୁନ୍‌ଚାକୁ ପ୍ରତିଯୋଗିତା
## କନ୍ଧମାଳର ୩ ଖେଳାଳିଙ୍କ କାନପୁର ଯାତ୍ରା



ଟିକାବାଲି,୨୮ ।୧(ସମିସ): ଉତ୍ତରପ୍ରଦେଶର କାନପୁରରେ ଆୟୋଜିତ ହେଉଥିବା ୪ର୍ଥ ଜାତୀୟ ନୁନଚାକୁ ଚାମ୍ପିୟନସିପରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କନ୍ଧମାଳ ଜିଲ୍ଲାର ତିନି ଜଣ ପ୍ରତିଭାବାନ ଖେଳାଳି ଆଜି ଭୁବନେଶ୍ୱରରୁ ଯାତ୍ରା କରିଛନ୍ତି। ଚୟନ ହୋଇଥିବା ଏହି ତିନି ଖେଳାଳି ହେଉଛନ୍ତି ଗୋପାଳ ଚନ୍ଦ୍ର, ବୈଲୋଚ ଏବଂ ପ୍ରିୟାଂଶୁ ଶେଖର। ନୁନଚାକୁ ଆସୋସିଏସନ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା କାନପୁରରେ ଜାନୁୟାରୀ ୩୧ ଓ ଫେବୃୟାରୀ ୧ ତାରିଖରେ ଅନୁଷ୍ଠିତ ହେଉଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଖେଳାଳି ନିଜର କଳା ପ୍ରଦର୍ଶନ କରିବେ। ଆଜି ଭୁବନେଶ୍ୱର ରେଳ ଷ୍ଟେସନରୁ ଖେଳାଳି ଯାତ୍ରା ଆରମ୍ଭ କରିବା ସମୟରେ ବିଭିନ୍ନ କ୍ରୀଡ଼ାପ୍ରେମୀ ଏବଂ କୋଚ୍‌ମାନେ ଉପସ୍ଥିତ ରହି ଉତ୍ସାହିତ କରିବା ସହ ସଫଳତା ପାଇଁ ଶୁଭକାମନା ଜଣାଇଛନ୍ତି।

## ଲାଗିଲା ସିସିଟିଭି; ସାବାଡ଼ ହେବେ ଅମାନିଆ

ପାରଳାଖେମୁଣ୍ଡି,୨୮ ।୧(ସମିସ): ପାରଳାଖେମୁଣ୍ଡି ସହରରେ ସିସିଟିଭି ବ୍ୟବସ୍ଥାର ଉଦଘାଟନ କରିଛନ୍ତି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ। ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ପାରଳାଖେମୁଣ୍ଡି ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, ଆରକ୍ଷୀ ଅଧିକ୍ଷକ ଯତିନ୍ଦ୍ର କୁମାର ପଣ୍ଡା, ଜିଲ୍ଲାପରିଷଦର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଏସଡିପିଓ ମାଧବାନନ୍ଦ ନାୟକ, ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ , ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଉପସ୍ଥିତ ଥିଲେ। ସହରରେ ବୃଦ୍ଧି ପାଉଥିବା ଅପରାଧୀକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଦୀର୍ଘଦିନ ଧରି ସହରବାସୀ ସିସିଟିଭି ଲଗାଇବାକୁ ଦାବି କରି ଆସୁଥିଲେ। ପୌର ପ୍ରଶାସନ ପକ୍ଷରୁ ସହରରେ ୨୫ଟି କ୍ୟାମେରା ଖଞ୍ଜାଯାଇ ଆଦର୍ଶ ଥାନା ପରିସରରେ ତାର ନିୟନ୍ତ୍ରଣ କୋଠରି ସ୍ଥାପନ କରାଯାଇଛି। ଏହା ମଙ୍ଗଳବାର ଠାରୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ଷମ କରାଯାଇଛି। ଅମାନିଆ ତଥା ଅପରାଧୀଙ୍କୁ ଧରିବାରେ ଏହା ସହାୟତା ହେବ। ଟ୍ରାଫିକ ନିୟମ ଉଲ୍ଲଂଘନକାରୀ, ରୋଡ ରୋମିଓ ଏବଂ ସ୍ପିଡ ରାଇଡରଙ୍କୁ ଚିହ୍ନଟ କରିବାରେ ସହାୟକ ହେବ ବୋଲି କୁହାଯାଇଛି।



## ଦୁର୍ଯ୍ୟୋଧନ ଜେନାଙ୍କ ତ୍ରୟୋଦଶ ସ୍ମୃତିସଭା



ଗୋଷାଣି,୨୮ ।୧(ସମିସ): ଗୋଷାଣି ବ୍ଲକ ଗୁରାଣ୍ଡି ସ୍ଥିତ ପୁଜ୍ୟପୂଜ ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ତ୍ରିନାଥ ମଣ୍ଡପରେ ସ୍ୱର୍ଗତ ଦୁର୍ଯ୍ୟୋଧନ ଜେନାଙ୍କ ତ୍ରୟୋଦଶ ସ୍ମୃତିସଭା ଆୟୋଜିତ ହୋଇଥିଲା। ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ ଏଥିରେ ମୁଖ୍ୟଅତିଥି ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି, ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ସ୍ୱର୍ଗତ ଦୁର୍ଯ୍ୟୋଧନ ଜେନାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡା. ମହାଦେବ ମାଝୀ, ଡା. ଅନନ୍ତ ସୁଧାଂଶୁ ଭୂୟାଁ ଏବଂ ବରେଣ୍ୟ ଅତିଥି ଭାବେ ଗୁରାଣ୍ଡି ସରପଞ୍ଚ ଶିଳ୍ପା ପାତ୍ର ଦିବଙ୍ଗତ ଜେନାଙ୍କ ସ୍ମୃତି ଚାରଣ କରିଥିଲେ। ସଭାକୁ ଉତ୍କଳ ବିକାଶ ପରିଷଦ ଉପ ସଭାପତି ସାମଜସେବୀ କିଶୋର ଚନ୍ଦ୍ର ପାତ୍ର, ପାରଳାଖେମୁଣ୍ଡି ବିଧାନସଭା ପ୍ରାର୍ଥୀ ସଞ୍ଜୟ କୁମାର ରାଉତ, ସ୍ୱର୍ଗତ ଦୁର୍ଯ୍ୟଧନ ଜେନାଙ୍କ ସୁପୁତ୍ର ଲିଙ୍ଗରାଜ ଜେନା, ନାତି ରାକେଶ ଜେନା, ଘନଶ୍ୟାମ ଦଳାଇ, ଅଜୟ ଜେନାଙ୍କ ସମେତ ସହପାଠୀ , ପରିବାରବର୍ଗ, ବନ୍ଧୁବର୍ଗ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ସଭାରେ ସଂଯୋଜନା ଓ ଉପସ୍ଥାପନା କରିଥିଲେ ରଶ୍ମିତା ସାମଲ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଭଗବାନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଯୁବକ ନିଖୋଜ, ଥାନାରେ ଅଭିଯୋଗ

ପାରଳାଖେମୁଣ୍ଡି,୨୮ ।୧(ସମିସ): ଗୋଷାଣି ବ୍ଲକ ଯାଜପୁର ଗ୍ରାମର ସନ୍ତୋଷ ପ୍ରଧାନ (୩୬) ନାମକ ଜଣେ ଯୁବକ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସନ୍ତୋଷଙ୍କ ଭଉଣୀ କୁମାରୀ ଦାସ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ଦେଇଛନ୍ତି। ଯୁବକ ଜଣକ କେଉଁ କାରଣରୁ ନିଖୋଜ ଅଛନ୍ତି ତାହା ସ୍ପଷ୍ଟ ଭାବେ ଉଲ୍ଲେଖ ହୋଇନଥିବା ବେଳେ ତିନି ଦିନ ହେବ ସେ ଘରକୁ ଫେରିନଥିବାର ଜଣାଯାଇଛି।

## ବାଲ୍ୟବିବାହ ବନ୍ଦ ପାଇଁ ସାଇକଲ ରାଲି




ମୋହନା,୨୮ ।୧(ସମିସ): ବାଲ୍ୟ ବିବାହ ବନ୍ଦ ପାଇଁ ଗଜପତି ଜିଲ୍ଲା ମୋହନାରେ ସଚେତନତା ଶୋଭାଯାତ୍ରା ସହ ସାଇକଲ ରାଲି କରାଯାଇଛି। ମୋହନା ଜେଏମଏଫସି ଶୁଭଜିତ ବେହେରା ନିଜେ ସାଇକଲ ଚଳାଇ ଲୋକଙ୍କୁ ସଚେତନ କରିଛନ୍ତି। ସ୍ଥାନୀୟ କୋର୍ଟ ପରିସରରୁ ଶୋଭାଯାତ୍ରା ବାହାରି କଲେଜ ଛକ ପର୍ଯ୍ୟନ୍ତ ଯାଇଥଲା। ଶୋଭାଯାତ୍ରାରେ ଅଙ୍ଗନବାଡି କର୍ମୀ, ସ୍କୁଲ ଛାତ୍ରୀ, ଶିଶୁ ସୁରକ୍ଷା ୟୁନିଟ କର୍ମଚାରୀ, କୋର୍ଟ କର୍ମଚାରୀ ଓ ପୁଲିସ ସାମିଲ ହୋଇଥିଲେ।

## ଜେଜେବାପା ଜେଜେ ମା' ସମ୍ମିଳନୀ

ରମ୍ଭା,୨୮ ।୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜେଜେ ବାପା ଜେଜେ ମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିଶୁ ବାଟିକା ପ୍ରମୁଖ ପ୍ରଭାସିନୀ ତରାଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ, ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ଆର୍ଶୀବଚନ ପ୍ରଦାନ କରିଥିଲେ। କୋଷାଧକ୍ଷ ଡି. ପଦ୍ମଲୋଚନ ଆଚାରୀ ଶିଶୁର ପ୍ରେରଣାର ଉତ୍ସ ଜେଜେ ବାପା ଓ ଜେଜେମା ବୋଲି ଅଭିହିତ କରିଥିଲେ। ଗୁରୁମା ପ୍ରସନ୍ନା ବେହେରା କୃତଜ୍ଞତା ଜ୍ଞାପନ କରିଥିଲେ। ଗୁରୁମା ରଶ୍ମିତା ବେହେରା, ପାର୍ବତୀ ନାହାକ, ମୀନାରାଣୀ ଦାସ, ଲକ୍ଷ୍ମୀ ସେଠି, ପ୍ରିୟଙ୍କା ସ୍ୱାଇଁ ଗୁରୁଜୀ ବି. ପ୍ରକାଶ ପାତ୍ର ଓ ସମସ୍ତ ଗୁରୁଜୀ, ଗୁରୁମା, ମଉସା, ମାଉସୀ ସହଯୋଗ କରିଥିଲେ।

## 'କାନ୍ଦେ ନାଁରେ ବାୟା ମନ' ମଞ୍ଚସ୍ଥ

ରମ୍ଭା,୨୮ ।୧(ସମିସ): ସରସ୍ୱତୀ ପୂଜା ଅବସରରେ ମିଞ୍ଜିଣିପାଟଣାରେ ସାମାଜିକ ନାଟକ "କାନ୍ଦେ ନା ରେ ବାୟା ମନ' ନାଟକ ମଞ୍ଚସ୍ଥ ହୋଇଯାଇଛି। ଦୀପକ ଜେନାଙ୍କ ରଚିତ ତ୍ରିଲୋଚନ ମହାରଣାଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତପନ କୁମାର ପ୍ରଧାନ (ମୁଖ୍ୟ ଆୟୋଜକ), ଦୁଃଶାସନ ପାତ୍ର (ମ୍ୟାନେଜର), କ୍ଷେତ୍ର ମୋହନ ବେହେରା (୧୨ନଂ କାଉନସିଲର), ନୀଳାଞ୍ଚଳ ସେନାପତି (ଗଣମାଧ୍ୟମ ପ୍ରତିନିଧି), ପ୍ରଭାକର ନାହାକ, ବସନ୍ତ ନାହାକ, କ୍ରିଷ୍ଣା, ଜେ. ଲୋକା, ଟୁଲୁ ପାତ୍ର, ଆର ନାରାୟଣ ରେଡି, ତୋଫାନ ପାତ୍ର, ବି. ଦେବରାଜ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଆଙ୍କଟିଂ ଡମ୍ବୁରୁ ପାତ୍ର କରିଥିବା ବେଳେ କ୍ୟାମେରା ଜ୍ୟୋତି ଖଲ୍ଲିକୋଟର ରହିଥିଲେ। ଚଣ୍ଡୀ ଚିତ୍ରାଳୟ ଚଣ୍ଡୀ ପଦର ଥିବା ବେଳେ ଶ୍ରୀନୁ ଚୂଡ଼ାମଣି ଗଞ୍ଜାମର ସଂଗୀତ ପରିବେଷଣ କରିଥିଲେ। ଭୁବନେଶ୍ୱର ଡ୍ୟାନ୍ସ ଗ୍ରୁପ ଦ୍ୱାରା ଚିତାକର୍ଷକ ଡ୍ୟାନ୍ସ ପରିବେଷଣ ହୋଇଥିଲା। ଆର ନାରାୟଣ ରେଡି, ରାଜ ପାତ୍ର, ଟିକି ପାତ୍ର, ଡି ତୋଫାନ, ସି ନିକ୍ଲେଶ, ବନମାଳୀ ପାତ୍ର, ଚିନା ପାତ୍ର ସହିତ ନାରୀ ଅଭିନେତ୍ରୀ ମାନଙ୍କ ମଧ୍ୟରେ ଅଞ୍ଜନା, ସୁମନ, ଭାବନା, ଗୀତା, ସୁଇଟି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

## ବ୍ଲକସ୍ତରୀୟ ପୁରସ୍କାର ବିତରଣ ଉତ୍ସବ



ପୋଲସରା,୨୮ ।୧(ସମିସ): ପୋଲସରା ବ୍ଲକ ଅଫିସରେ ସାମୂହିକ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ପାଳନ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଡ଼ିଓ ଶଶିଭୂଷଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। ଏବିଓ ସୁବାସିନୀ ତ୍ରିପାଠୀ, ବଳରାମ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଗୋପାଳକୃଷ୍ଣ ପଣ୍ଡା ସହଯୋଗ କରିଥିଲେ।

## ସମବାୟ ଆଇନ ଓ ହିସାବରକ୍ଷକ ତାଲିମ୍

କୁକୁଡ଼ାଖଣ୍ଡି,୨୮ ।୧(ସମିସ): ସମବାୟ ପରିଚାଳନା ପ୍ରତିଷ୍ଠାନ, ଗୋପାଳପୁର ବେଳାଭୂମି ଆନୁକୂଲ୍ୟରେ ହସ୍ତତନ୍ତ ବୁଣାକାର ସମବାୟ ସମିତିର ପରିଚାଳନା ପରିଷଦର ସଭ୍ୟ ଓ ସହକାରୀ ବୟନ ଶିଳ୍ପ ଓ ହସ୍ତ ତନ୍ତ ନିର୍ଦ୍ଦେଶାଳୟର କର୍ମଚାରୀ ମାନଙ୍କ ନିମନ୍ତେ ସମବାୟ ଆଇନ ଓ ହିସାବ ରକ୍ଷକ ତାଲିମ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ରଣା, ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ସମବାୟ ସଂଘ୍ , ଭୁବନେଶ୍ୱର, ହୃଷୀକେଶ ମାହାଲି, ଉପ ନିର୍ଦ୍ଦେଶକ, ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ବ୍ରହ୍ମପୁର, ରାମମୋହନ ପାତ୍ର, ଅବସରପ୍ରାପ୍ତ ଉପ ନିବନ୍ଧକ, ସମବାୟ ସମିତି ସମୂହ, ପ୍ରଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ଉପସହକାରୀ ନିବନ୍ଧକ, ଉଦୟନାଥ ପ୍ରଧାନ, ଅବସରପ୍ରାପ୍ତ ଉପ ସହକାରୀ ନିରୀକ୍ଷକ, ଡି. କ୍ରିଷ୍ଣାନନ୍ଦ, ଅଧ୍ୟକ୍ଷ, ନାସିର ହୁସେନ, ଉପ ସହକାରୀ ନିବନ୍ଧକ, ବୟନ ଶିଳ୍ପ, ନିରଞ୍ଜନ ମହାପାତ୍ର, ଅଧ୍ୟାପକ, ମମତା ସାହୁ, ଅଧ୍ୟାପିକା, ସମବାୟ ପରିଚାଳନା ପ୍ରତିଷ୍ଠାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଶାନ୍ତ କୁମାର ସାହୁ ସମବାୟ ଆଇନ ଓ ନିୟମକୁ ପାଥେୟ କରି ସମିତିର ଆର୍ଥିକ ଓ ସାମାଜିକ ଏବଂ ସାଂସ୍କୃତିକ ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣାର୍ଥୀ ମାନଙ୍କୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମକୁ ସମବାୟ ପରିଚାଳନା ପ୍ରତିଷ୍ଠାନର କର୍ମକର୍ତ୍ତା ପରିଚାଳନା କରିଥିବା ବେଳେ ମମତା ସାହୁ ସଂଯୋଜନା କରିଥିଲେ।

## ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ବିଶ୍ୱକଲ୍ୟାଣ ଯଜ୍ଞ



ପାରଳାଖେମୁଣ୍ଡି,୨୮ ।୧(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ବିଶ୍ୱ କଲ୍ୟାଣ ଯଜ୍ଞ ଆରମ୍ଭ ହୋଇଛି। ସକାଳେ ସଦରାମ ପୋଖରୀ ଠାରୁ ଜଗନ୍ନାଥ ପର୍ଯ୍ୟନ୍ତ ଗଙ୍ଗା ଆବାହନ ସମୂହ କଳସ ଯାତ୍ରା ହୋଇଥିଲା। ଏହି କାର୍ଯ୍ୟକ୍ରମ ଏକାଦଶୀ ଠାରୁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ବେଦ ପାଠ, ଘୃତଯଜ୍ଞ, ଅନ୍ନଯଜ୍ଞ ପ୍ରଭୃତି କାର୍ଯ୍ୟକ୍ରମ କରାଯାଉଛି। ସନ୍ଧ୍ୟାରେ ଶ୍ରୀ ଜଗନ୍ନାଥ କଥାମୃତ ପ୍ରବଚନ ରହିଛି। ମାଘ ପୂର୍ଣ୍ଣିମାଦିନ ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ପୂର୍ଣ୍ଣାହୁତି ଓ ନଗର ପରିକ୍ରମା, ନାମ ସଂକୀର୍ତ୍ତନ ପ୍ରଭୃତି କାର୍ଯ୍ୟକ୍ରମ ରହିଛି। ଏଠାରେ ପ୍ରତୀକ୍ଷିତ ପଣ୍ଡିତ ଓ ପ୍ରବଚକ ଉପସ୍ଥିତ ରହି ଭକ୍ତ ମାନଙ୍କୁ ଜଗନ୍ନାଥ କଥାମୃତ ଶୁଣାଇବେ। ଆଜି କଳସ ଯାତ୍ରା ଅବସରରେ ଶହ ଶହ ମହିଳାମାନେ କଳସ ଧରିଥିବା ବେଳେ ଏଥିଲାଗି କୀର୍ତ୍ତନ, ବାଦ୍ୟର ତାଳେ ତାଳେ ଭକ୍ତ ନଗରପରିକ୍ରମା କରିଥିଲେ।

### ● ସର୍ବକନିଷ୍ଠ ଜାତୀୟ ଖୋଖୋ ଚାମ୍ପିଅନ୍‌ସିପ୍
## ରାଜ୍ୟ ଦଳରେ ଗଜପତିର ୨ ଖେଳାଳି




ପାରଳାଖେମୁଣ୍ଡି,୨୮ ।୧(ସମିସ): ଗଜପତି ଜିଲ୍ଲାରେ ଖୋଖୋକୁ ଗୌରବାନ୍ୱିତ କରିଛନ୍ତି ଦୁଇ ଛାତ୍ର। ପୂର୍ବରୁ ଅନ୍ତର୍ଜାତୀୟ ମ୍ୟାଚ ଖେଳି ଜିଲ୍ଲାର ପାବନୀ ଶବର ଜିଲ୍ଲାର ଗୌରବକୁ ଶୀର୍ଷରେ ପହଞ୍ଚାଇଥିବା ବେଳେ ଏବେ ପୁଣି ସେହି ବିଦ୍ୟାଳୟର ଦୁଇ ଛାତ୍ର ଜାତୀୟସ୍ତର ଖୋଖୋ ଖେଳିବା ପାଇଁ ରାଜ୍ୟ ଦଳରେ ସାମିଲ ହୋଇଛନ୍ତି। ହରିୟାନାର କୁରୁକ୍ଷେତ୍ରରେ ଚଳିତ ମାସ ୩୧ ତାରିଖ ଠାରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସର୍ବକନିଷ୍ଠ ଜାତୀୟ ଖୋଖୋ ଚମ୍ପିଅନସିପ୍‌ରେ ସେମାନେ ରାଜ୍ୟ ଦଳରେ ଖେଳିବେ। ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ଦୁଇଛାତ୍ର ସନ୍ଦୀପ ଶବର ଓ ପବିତ୍ର ଶବର ଆସନ୍ତାକାଲି ଶ୍ରୀକ୍ଷେତ୍ର ପୁରୀରୁ କୁରୁକ୍ଷେତ୍ର ଯାତ୍ରା କରିବେ। ଏହି ଦୁଇ ଛାତ୍ର ଜଗତସିଂପୁରରେ ଗତ ବର୍ଷ ଡିସେମ୍ବର ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଖୋଖୋ ଚମ୍ପିଅନସିପ୍‌ରେ ଭାଗନେଇ ଥିଲେ। ଏହାପରେ ଏମାନେ ଜାତୀୟସ୍ତରରେ ଖେଳିବା ପାଇଁ ପୁରୀରେ ଜାତୀୟ ଖୋଖୋ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ନେଉଥିଲେ। ଆସନ୍ତାକାଲି ଜାତୀୟ ଚମ୍ପିଅନସିପ୍‌ରେ ଖେଳିବା ପାଇଁ ଓଡ଼ିଶା ଦଳ ଯାତ୍ରା କରିବ ବୋଲି ଶ୍ରୀ ଭେଙ୍କଟେଶ୍ୱର ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଭିନ୍ନ ବାସୁଦେବ ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

### ଜିଲ୍ଲାସ୍ତରୀୟ ସମନ୍ୱିୟ କମିଟି ବୈଠକ
## 'ସବୁ ଗ୍ରାମରେ ହେବ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ'

ପାରଳାଖେମୁଣ୍ଡି,୨୮ ।୧ (ସମିସ)




ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୁଷ୍ଠ ରୋଗ ସଚେତନତା ଅଭିଯାନର ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବରାକ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ପରିଚାଳକା ସରିତା ମହାପାତ୍ର, ଏଡ଼ିପିଏଚ୍‌ଓ ନୟନା ମଲ୍ଲିକ, ଡିଏମଆରସିଏଚ ପ୍ରଣତୀ ସାହୁ, ଏଡିପିଏଚଓ ଡା. ଆନନ୍ଦ ସାମନ୍ତରାୟ, ଜିଲ୍ଲା ଆଶା ମ୍ୟାନେଜର ନାରାୟଣ ମଲ୍ଲିକ, ଏନଏମଏସ ଶ୍ରୀଧର ଦାସ ଓ ଏମପିଏଚଏସ ଜି. ରାମକୃଷ୍ଣ ନାଇଡୁଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ପଦାଧିକାରୀମା ଯୋଗ ଦେଇଥିଲେ। ବୈଠକରେ କୁଷ୍ଠ ରୋଗ ନିରାକରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମୀକ୍ଷା କରିଥିଲେ। କୁଷ୍ଠରୋଗ ସଚେତନତା ବୃଦ୍ଧି ନିମନ୍ତେ ଚଳିତ ମାସ ୩୦ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସାରା କୁଷ୍ଠ ରୋଗ ସଚେତନତା ଅଭିଯାନ ଚାଲିବ। ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସମେତ ଲାଇନ୍ ବିଭାଗୀୟ ଅଧିକାରୀ ସ୍ୱାସ୍ଥ୍ୟ ବିଭାଗକୁ ସହଯୋଗ କରିବାକୁ କୁହାଯାଇଛି। ପ୍ରତ୍ୟେକ ଗାଁରେ କୁଷ୍ଠରୋଗ ସଚେତନତା କାର୍ଯ୍ୟକ୍ରମ କରାଯିବ। ଆଶା ଓ ଅଙ୍ଗନବାଡି କର୍ମୀ, ଏଏନ୍‌ଏମ୍ ସମସ୍ତେ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ଜିଲ୍ଲାର ସମସ୍ତ ବ୍ଲକ୍, ପଞ୍ଚାୟତ ଓ ପାରଳାଖେମୁଣ୍ଡି ପୌରପରିଷଦ ଓ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଏହି କୁଷ୍ଠ ରୋଗ ସଚେତନତା ଅଭିଯାନରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ କୁଷ୍ଠରୋଗ ସଚେତନତା ପାଇଁ ସମସ୍ତ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ।

## ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

ପାତ୍ରପୁର,୨୮ ।୧(ସମିସ): ପାତ୍ରପୁର ବ୍ଲକର ଖମ୍ବାରି ଗାଁ ପଞ୍ଚାୟତ ଖଣ୍ଡଦେଉଳି ଗ୍ରାମର ପଦ୍ମତୋଳା ନାଳ ଉପରେ ଉନ୍ନତିକରଣ ସହ ସେତୁ ନିର୍ମାଣର ଭିତ୍ତିପ୍ରସ୍ତର ବିଧାୟକ



ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଦ୍ୱାରା ଅନୁଷ୍ଠିତ ହେଇଯାଇଛି । ଜଳସମ୍ପଦ ବିଭାଗ ତରଫରୁ ପ୍ରାୟ ୭୦ଲକ୍ଷ ୭୬ ହଜାର ଟଙ୍କାରେ ହେବାକୁ ଥିବା ଏହି ସେତୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଖଣ୍ଡଦେଉଳି ଓ ଏହାର ଆଖପାଖ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିବ । ଏହି ଅବସରରେ ବିଧାୟକଙ୍କ ସହଧର୍ମିଣୀ ତଥା ଜିଲ୍ଲା ଉପସଭାପତି, ଚିକିଟି ନିର୍ବାଚନ ମଣ୍ଡଳୀ ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ବ୍ଲକ ଅଧ୍ୟକ୍ଷା ୱାଇ. ସଂଯୁକ୍ତା, ବ୍ଲକ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତଙ୍କ ସମେତ ବିଭାଗୀୟ ନିର୍ବାହି ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ସହକାରୀ ନିର୍ବାହି ଯନ୍ତ୍ରୀ ଭଗବାନ ରଥ, ସହକାରୀ ଯନ୍ତ୍ରୀ ତାପସ କୁମାର ବେହେରା ଉପସ୍ଥିତ ଥିଲେ ।

## ହବାକ୍ ହାଇସ୍କୁଲ ୧୯୮୭ ବ୍ୟାଚ୍‌ର ବନ୍ଧୁମିଳନ



ଜି.ଉଦୟଗିରି,୨୮।୧(ସମିସ): ଜି.ଉଦୟଗିରି ନିକଟସ୍ଥ ସିରିକି ଇକୋପାର୍କରେ ହବାକ ହାଇସ୍କୁଲ ୧୯୮୭ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ବିଶୁ ମହାରଣା, ଆନନ୍ଦ ପାତ୍ର, ରାମଚନ୍ଦ୍ର ଆଚାର୍ଯ୍ୟ, ବଳରାମ ଡାକୁଆଙ୍କ ପ୍ରଚେଷ୍ଟାରେ ବନ୍ଧୁମିଳନ ହୋଇଥିବା ବେଳେ ଏଥିରେ ଅଜୟ ପାତ୍ର, ଦାଶରଥି ସାହୁ, ସନ୍ତୋଷ ଶାସମଲ, ପ୍ରଶାନ୍ତ କୁମାର ଦାସ, ସୁନୀଲ କୁମାର ସାହୁ, କୈଳାସ ବେହେରା, ଡ଼ା. ରଂଜିତ ପାତ୍ର,, ପ୍ରଦୀପ ମହାପାତ୍ର, ଶାନ୍ତନୁ ଆଚାର୍ଯ୍ୟ, ଅକ୍ଷୟ କୁମାର ପାଳ, ରାଜେନ୍ଦ୍ର ପାତ୍ର, ପ୍ରମୋଦ କୁମାର ସାହୁ, ଟୁନା ସାହୁ, ଭଗବାନ ପଣ୍ଡା ଓ ରାଜେନ୍ଦ୍ର ନାୟକ ଯୋଗ ଦେଇଥିଲେ ।

## ଜାତୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଗଜପତି ଛାତ୍ରଛାତ୍ରୀଙ୍କ ସଫଳତା



ପାରଳାଖେମୁଣ୍ଡି,୨୮ ।୧ (ସମିସ) : ରାଜସ୍ଥାନର ଜୟପୁର ସ୍ଥିତ ସାୱାଇ ମାନସିଂ ଷ୍ଟାଡିୟମରେ ଚଳିତ ମାସ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାର ୨ୟ ଫେଡେରେସନ କପ୍ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ୧୪୦୦ ଖେଳାଳୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଟାଏକ୍ୱୋଣ୍ଡୋ ଏକାଡେମୀର ଛାତ୍ର ସାଗର ବାରିକଙ୍କ ସମେତ ଓ ୩ ଜଣ ଛାତ୍ରୀ ସୁବର୍ଣ୍ଣା ସାହୁ, ପି. ସାଇସ୍ମିତା ଓ ଅନୁଶ୍ରୁତା ମଲ୍ଲିକ ଏଥିରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ସୁବର୍ଣ୍ଣା ରୌପ୍ୟ ପଦକ ଜିତିଥିବା ବେଳେ ଅନୁଶ୍ରୁତା ମଲ୍ଲିକ କାଂସ୍ୟ ପଦକ ହାସଲ କରି ଗଜପତି ଜିଲ୍ଲାର ଗୌରବ ବଢାଇଛନ୍ତି । ଆଜି ଅପରାହ୍ନରେ ଖେଳାଳୀମାନେ ପାରଳାଖେମୁଣ୍ଡିରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ଜିଲ୍ଲା ଟାଏକ୍ୱୋଣ୍ଡୋ ଏକାଡେମୀର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟମାନେ ଶୁଭେଚ୍ଛା ଜଣାଇଥିଲେ ।

## ଖଲ୍ଲିକୋଟ ଷ୍ଟେସନରେ ରହିଲା ଫଲକନାମା ଓ ବିଶାଖା ଏକ୍ସପ୍ରେସ

ଖଲ୍ଲିକୋଟ,୨୮ ।୧(ସମିସ): ଖଲ୍ଲିକୋଟ ଷ୍ଟେସନରେ ମଙ୍ଗଳବାର ଠାରୁ ଫାଲକ୍‌ନାମା ଓ ବିଶାଖା ଏକ୍ସପ୍ରେସ ଟ୍ରେନ ରହଣି କରିଛି । ଫଳରେ ଖଲ୍ଲିକୋଟ ଅଞ୍ଚଳର ଦୀର୍ଘଦିନର ଦାବି



ପୂରଣ ହୋଇଛି । ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି, ଆମର ସବୁ ଦାବୀ ଗୁଡିକ ଧିରେ ଧିରେ ପୂରଣ ହେବ । ଖଲ୍ଲିକୋଟ ଷ୍ଟେସନରେ ଆଗକୁ ଆହୁରି କିଛି ଦ୍ରୁତଗାମୀ ଟ୍ରେନ ରହଣି କରିବ, ଷ୍ଟେସନର ଭିତ୍ତିଭୂମି ସଜଡ଼ା ଯିବ ବୋଲି ଆସିକା ସାଂସଦ ଅନିତା ଶୁଭଦର୍ଶିନୀ କହିଛନ୍ତି । ଆଜି ଖଲ୍ଲିକୋଟ ଷ୍ଟେସନରେ ସାଂସଦ ଉପସ୍ଥିତ ରହି ସିକନ୍ଦରାବାଦରୁ ହାୱଡା ଯାଉଥିବା ଫାଲକନାମା ଓ ଭୁବନେଶ୍ୱର ନିୟୁ ଠାରୁ ସିକନ୍ଦାରବାଦ ଯାଉଥିବା ବିଶାଖା ଏକ୍ସପ୍ରେସ ଟ୍ରେନକୁ ସ୍ୱାଗତ କରିଥିଲେ । ଏହି ଦୁଇଟି ଟ୍ରେନର ପାଇଲଟଙ୍କୁ ଉତ୍ତରୀୟ ପକାଇ ଓ ମିଠା ଖୁଆଇ ସ୍ୱାଗତ କରିଥିଲେ । ଆଗରୁ ଏହି ଦୁଇଟି ଟ୍ରେନ ଖଲ୍ଲିକୋଟ ଷ୍ଟେସନ ଦେଇ ଯାଉଥିଲେ ମଧ୍ୟ ଖଲ୍ଲିକୋଟ ଷ୍ଟେସନରେ ରହୁ ନଥିଲା ।

### ପୁଲିସକୁ ଦୁର୍ବୃତ୍ତଙ୍କ ଖୋଲା ଚାଲେଞ୍ଜ

## ଥାନାରେ ଅଭିଯୋଗ କରିବାରୁ କାର୍ ଜାଳିଦେଲେ

ରଙ୍ଗେଇଲୁଣ୍ଡା,୨୮ ।୧(ସମିସ):

ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଗ୍ରାମ ପଞ୍ଚମା ରାସ୍ତାରେ ରାତିରେ ପାର୍କିଂ କରାଯାଇଥିବା ଏକ କାର୍ କାଚ ଦୁର୍ବୃତ୍ତ ସିଟ୍‌ରେ ନିଆଁ ଲଗାଇ ଦେଇଛନ୍ତି । ଏନେଇ କାର ମାଲିକ ଥାନାରେ ଲିଖିତ ଅଭିଯୋଗ କରି ଥାନାରୁ ଫେରିବା ପରେ ପୁଣି ରାତିରେ ଉକ୍ତ କାରରେ ନିଆଁ ଲଗାଇ ସମ୍ପୂର୍ଣ୍ଣ ଜାଳିଦେଲେ ଦୁର୍ବୃତ୍ତ । ଗୋଷାଣିନୂଆଗାଁ ଥାନା ଅଞ୍ଚଳର ପଞ୍ଚାନନ ସାବତଙ୍କ ଇଣ୍ଡିଗୋ ଇସିଏସ (ନଂ. ଓଡି୦୭ଏମ -୦୧୫୧) କାର୍‌ଟିକୁ ରଣ୍ଡା ଗ୍ରାମର ସୁନୀଲ ସାମନ୍ତରାୟ କିଛି ଦିନ ହେଲା ଆଣି ପଞ୍ଚମା ରୋଡ଼ରେ ଥିବା ଏକ ସ୍ଥାନରେ ରଖିଥିଲେ । ଗତ ୨୬ ତାରିଖ ରାତିରେ ପ୍ରାୟ ସାଢେ ୮ଟା ବେଳେ



କାର କାଚ ଭାଙ୍ଗି କେହି ଦୁର୍ବୃତ୍ତ ଗାଡି ଭିତରେ ଥିବା ସିଟରେ ନିଆଁ ଲଗେଇ ଦେଇଥିଲା । କିଛି ଲୋକ ଆସି ନିଆଁ ଲିଭାଇ ଥିଲେ । ଏନେଇ ସୁନୀଲ ୨୭ ତାରିଖରେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଣି ସେହି ରାତି ପ୍ରାୟ ୮ଟା ବେଳେ କେହି ଦୁର୍ବୃତ୍ତ ଅଧା ପୋଡ଼ା କାରରେ ନିଆଁ ଲଗାଇ ସମ୍ପୂର୍ଣ୍ଣ ଜାଳି ଦେଇଥିଲେ । କାର୍‌ରେ ନିଆଁ ଲାଗିଥିବା ଦେଖି କିଛି ଗ୍ରାମବାସୀ ସୁନୀଲକୁ ଜଣାଇବା ସହ କନିଷି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ଆସିଲା ବେଳକୁ କାରଟି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା । ଗୋଳନ୍ଥରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ରାସ୍ତାରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରିଥିବା ଜଣାପଡିଛି । ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ଏଏସଆଇ ରମେଶ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି ।

## ଶ୍ରୀଶନିଶ୍ଚର ବିଗ୍ରହ ପ୍ରତିଷ୍ଠା



କୋଦଳା,୨୮ ।୧(ସମିସ): କୋଦଳା ହରିଜନ ସାହି ଯୁବ ଗୋଷ୍ଠୀ ଓ ଭାଇଗା ନୂଆସାହି ବାସିନ୍ଦାଙ୍କ ସହଯୋଗରେ ଶ୍ରୀଶନିଶ୍ଚର ମନ୍ଦିର ଓ ଗ୍ରହରାଜଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିକଟସ୍ଥ ଶ୍ରୀତାଳେଶ୍ୱର ମନ୍ଦିର ପୋଖରୀରୁ ଜଳ ଧରି ନୂତନ ମନ୍ଦିରକୁ ଆସିବା ପରେ ବିଗ୍ରହଙ୍କୁ ଜୀବନ୍ୟାସ କରାଯାଇଥିଲା । କାର୍ଯ୍ୟକ୍ରମରେ ଦଣ୍ଡିଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ତଥା ସମାଜସେବୀ ସୂର୍ଯ୍ୟନାରାୟଣ ବଡୁ ଓ ପତ୍ନୀ ସବିତା ବଡୁ କର୍ତ୍ତା ଭାବେ ସମସ୍ତ କାର୍ଯ୍ୟ ସମାପନ କରିଥିବା ବେଳେ ଏହାକୁ ସ୍ଥାନୀୟ ଜ୍ୟୋତିଷ ଓ କର୍ମକାଣ୍ଡବିତ୍ ପଣ୍ଡିତ ଅଧ୍ୟାପକ ଦୁର୍ଗା ପ୍ରସାଦ ଦାଶ ଶର୍ମା ମୁଖ୍ୟ ପ୍ରଚାରକ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ସାନଖେମୁଣ୍ଡି,୨୮ ।୧(ସମିସ): ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ପଞ୍ଚାୟତରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ସରପଞ୍ଚ ଅର୍ଣ୍ଣବ ନାୟକ, ସମିତି ସଭ୍ୟ ପ୍ରତିନିଧି ଭଗବାନ ରାଉତ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଭବାନୀ ବେହେରା, ପାଟପୁର ଥାନା ଏଏସଆଇ ସନ୍ତୋଷ କୁମାର ମିଶ୍ର, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରବୀଣ କୁମାର ସାହୁ ସମେତ ବହୁ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଅଭିଯୋଗ ଶୁଣିଥିଲେ ।

**କୁକୁଡାଖଣ୍ଡି :** କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ମହୁଡ଼ା ପଞ୍ଚାୟତରେ ଅଭିଯୋଗ ଶୁଣାଣି ହୋଇଯାଇଛି । ବିଡ଼ିଓ ଡ଼. ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ



ହୋଇଥିଲା । କାର୍ଯ୍ୟକ୍ରମରେ ସରପଞ୍ଚ ସୁଦଷ୍ଣା ସାହୁ, ବିଇଓ ସନ୍ତୋଷ କୁମାର ମହାପାତ୍ର, ପିଇଓ ଉଷା ପାତ୍ର, ଏଏଡ଼ିଓ (ଏନ୍‌ଆର୍‌ଜିଏ) ରାମକୃଷ୍ଣ ବସ୍ତିଆ, ଏଇ ଅନୁରାଗ ରଥ, ଯୋଗାଣ ସହାୟକ ରବୀନ୍ଦ୍ରନାଥ ପ୍ରଧାନ, ନାଏବ ସରପଞ୍ଚ ସୁଦାମ ଦଳେଇ, ପିଇଓ ଉଷା ପାତ୍ର, ଏମ୍‌ବିକେଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## 'ଆସିଛି ଏକା ଯିବି ମୁଁ ଏକା'ମଞ୍ଚସ୍ଥ

ଗଞ୍ଜାମ,୨୮ ।୧(ସମିସ): ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନିଷ୍ଟାଡିୟମ ରେ ଗଞ୍ଜାମର ଅଗ୍ରଣୀ କଳାକାର ଅନୁଷ୍ଠାନ ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ପକ୍ଷରୁ "ଆସିଛି ଏକା ଯିବି ମୁଁ ଏକା' ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି । ପ୍ରଦୀପ କୁମାର ପଣ୍ଡାଙ୍କ ନିର୍ଦ୍ଦେଶନାରେ ପରିବେଷଣ ନାଟକର ଉଦଘାଟନୀରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଥିଲେ । ଗଞ୍ଜାମ ପ୍ରେସ କ୍ଲବର ସାମ୍ବାଦିକଙ୍କ ଦ୍ୱାରା ଆତ୍ମପ୍ରକାଶ ପାଇଥିବା ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ଅନୁଷ୍ଠାନକୁ ଉଚ୍ଚ ପ୍ରଶଂଶା କରିଥିଲେ । ମୁଖ୍ୟ ବକ୍ତା ଭାବେ ଗଞ୍ଜାମ ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଗଞ୍ଜାମ ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଏନ. ଦୁର୍ଯ୍ୟୋଧନ ରେଡି, ବିଧାୟକ ପ୍ରତିନିଧି ମାନସ ନାହାକ, ଯୁବନେତା ବାପି ଦାସ, ବଡ଼ ବଜାର ବଣିକ ସଙ୍ଘ ସଭାପତି ଗୌରୀ ଶଙ୍କର ବାରିକି, ଛତ୍ରପୁର ପ୍ରେସ କ୍ଲବ ସଭାପତି ସରୋଜ କୁମାର ସାମାଲ, ଓଡିଶା ସମ୍ବାଦିକ ସଙ୍ଘ



ଉପସଭାପତି ପ୍ରଶାନ୍ତ କୁମାର ମହାରଣା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ରାଧେଶ୍ୟାମ ଫାଉଣ୍ଡେସନର ମୁଖ୍ୟ ଦେବାଶିଷ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ । ସଭାପତି ଶବର କୁମାର ତରାଇଙ୍କ ସଭାପତିତ୍ୱରେ ଉପଦେଷ୍ଟା ଉମାକାନ୍ତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠାନର ପୂର୍ବତନ ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ପଙ୍କଜ କୁମାର ବାରିକିଙ୍କ ପରିବାରକୁ ସମ୍ମାନିତ କରାଯାଇଥିଲା । ଉପସଭାପତି ବିଦ୍ୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ପରିଚାଳକ ରାକେଶ ରଞ୍ଜନ ଦାସ, ନାଟ୍ୟ ନିର୍ଦ୍ଦେଶକ ଡ଼ଃ ଗୌରୀ ଶଙ୍କର ଶତପଥୀ, ଉପଦେଷ୍ଟା ସୁଧିର କୁମାର ପାଢ଼ୀ, ବି. ବନମାଳି ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ସହ ସମ୍ପାଦକ ନିରଞ୍ଜନ ପରିଡା, ମନୋଜ ପ୍ରଧାନ, ପପୁ ପଣ୍ଡା ପ୍ରମୁଖଙ୍କ ସହ ସହଯୋଗ କରିଥିଲେ ।

## ତାଲୁକ୍‌ସ୍ତରୀୟ ଆଇନ ସଚେତନତା

ପୁରୁଷୋତ୍ତମପୁର,୨୮।୧(ସମିସ): ପୁରୁଷୋତ୍ତମପୁର ସିଭିଲକୋର୍ଟ ପକ୍ଷରୁ ବାଲ୍ୟ ବିବାହମୁକ୍ତ ସଚେତନତା ଅନୁଷ୍ଠିତ ହୋଇଯାଇଛି । ଆଇନସେବା କମିଟିର ଅଧ୍ୟକ୍ଷ ତଥା ସିନିୟର ସିଭିଲଜଜ୍ ଶରତକୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେଏମ୍‌ଏଫ୍‌ସି ବିଚାରପତି ଅନନ୍ୟା ଅପର୍ମିତା, ତହସିଲଦାର ବିନୋଦ କୁମାର ବେହେରା, କଲେଜ ଅଧ୍ୟକ୍ଷ ଡ.ପ୍ରଦୀପ କୁମାର ସାହୁ, ଓକିଲ ସଂଘ ସଭାପତି କୃଷ୍ଣଚନ୍ଦ୍ର ଗୌଡ଼, ସମ୍ପାଦକ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ଓକିଲ ଯୋଗଦେଇ ସାରା ଭାରତକୁ ବାଲ୍ୟ ବିବାହମୁକ୍ତ କରିବା ଲାଗି ଜନସାଧାରଣ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ତାରାତାରିଣୀ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାଇକଲ ଶୋଭାଯାତ୍ରା କଲେଜ ପରିସରରୁ ବାହାରି ସମଗ୍ର ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ ।

## କାଶୀନଗର ଏନ୍‌ଏସିର ସାଧାରଣ ବୈଠକ




କାଶୀନଗର,୨୮।୧(ସମିସ): ଗଜପତି ଜିଲ୍ଲା କାଶୀନଗର ଏନ୍‌ଏସିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷା ଏମ.ସୁଧାରାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିର୍ବାହୀ ଅଧିକାରୀ ଭାଗବତ ସାହୁ, ସାଂସଦ ପ୍ରତିନିଧି ଏମ.ପ୍ରବୀଣ କୁମାର, ବିଧାୟକ ପ୍ରତିନିଧି ରଘୁରାମ ସାହୁ, ମ୍ୟୁନିସିପାଲ ଇଞ୍ଜିନିଅର ରଜତ କୁମାର ପାଢ଼ୀ ମଂଚାସୀନ ହୋଇ ଆଲୋଚନାରେ ଭାଗ ନେଇଥିଲେ । ଉପସ୍ଥିତ କାଉନ୍‌ସିଲର ବି ନିଜ ନିଜର ମତ ରଖିଥିଲେ । ପୋଖରୀ ଟେଣ୍ଡରରେ ଅନିୟମିତତା, ପ୍ରସ୍ତାବିତ ଶ୍ମଶାନଘାଟ ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତିରେ ବିଳମ୍ବ, ଶୌଚାଳୟ ଗୁଡିକରେ ପାଣିର ଅସୁବିଧା, ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡି ରହିଥିବା ଅଙ୍ଗନାବାଡ଼ି ଗୃହ ନିର୍ମାଣ ଭଳି ଅନେକ ପ୍ରସଙ୍ଗକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ନିର୍ମାଣ ପରେ ବି ଅବ୍ୟବହୃତ ହୋଇପଡି ରହିଥିବା ଭେଣ୍ଡିଂଜୋନ୍ ରୁମ୍ ନେବା ପାଇଁ ବ୍ୟବସାୟୀଙ୍କୁ ଅବଗତ କରାଯିବା, ଆଗାମୀ ତିନି ଦିନ ଭିତରେ ଶୌଚାଳୟରେ ଲାଗି ରହିଥିବା ପାଣି ସମସ୍ୟାର ସମାଧାନ କରିବା, ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ଏନ୍‌ଏସି ପରିସରରେ ଥିବା ନଳକୂପର ମରାମତି ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ଜଣାଇ ପଦକ୍ଷେପ ନେବା ସକାଶେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଅଙ୍ଗନବାଡ଼ି କେନ୍ଦ୍ର ନଥିବା ୱାର୍ଡର କାଉନସିଲର ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇପାରିବେ ବୋଲି କୁହାଯାଇଥିଲା । ସିଇଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କୋଷାଧ୍ୟକ୍ଷ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ସମସ୍ତ କାଉନସିଲର ଓ ଏନ୍‌ଏସି କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ହୋଇଥିଲେ ।

## ବେଳାଭୂମି ମହୋତ୍ସବ ଦେଖି ଫେରୁଥିବା ବେଳେ କାର୍ ଧକ୍କାରେ ମହିଳା ମୃତ

ବ୍ରହ୍ମପୁର,୨୮ ।୧(ସମିସ): ଗୋପାଳପୁର ବେଳାଭୂମି ମହୋତ୍ସବ ଦେଖି ଫେରୁଥିବା ବେଳେ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ମୋହନା ଅଞ୍ଚଳର ମିନତୀ ନାୟକ(୨୨) । ଆଜି ମହୋତ୍ସବର ଦ୍ୱିତୀୟ ରଜନୀରେ ପ୍ରସିଦ୍ଧ ଗାୟିକା ମାଇଥାଲି ଠାକୁର ସହ ଅନ୍ୟ ବଡ଼ ବଡ଼ କଳାକାର ଆସିଥିବାରୁ ୨୦ ହଜାରରୁ ଅଧିକ ଗାଡ଼ି ମୋଟର ଜମା ହୋଇଥିଲା । ରାତି ସାଢ଼େ ୯ ଟା ବେଳେ ମିନତୀ ଅନ୍ୟ ଜଣେ ଯୁବକ ଓ ଯୁବତୀ ଏକ ବାଇକରେ ବସି ମହୋତ୍ସବ ସ୍ଥଳରୁ ବ୍ରହ୍ମପୁର ଫେରୁଥିଲେ । କରାପଲ୍ଲୀ ଛକ ଠାରେ ଏକ କାର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଏଥିରେ ବାଇକ୍‌ରେ ବସିଥିବା ୩ ଜଣ ତଳେ ପଡ଼ି ଗୁରୁତର ହୋଇଥିଲେ । ସେମାନଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ପଠାଯାଇଥିଲା । ହେଲେ ଡାକ୍ତର ମିନତୀଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣା ଘଟାଇଥିବା କାର୍ ଫେରାର ହୋଇ ଯାଇଛି । ଗୋପାଳପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ସିପିଆଇ ଭୀଷ୍ମଗିରି ଶାଖା ସମ୍ମିଳନୀ

ଦିଗପହଣ୍ଡି,୨୮ ।୧(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସିପିଆଇ ଶାଖାର ୪୨ ତମ ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶାଖା ସହ ସମ୍ପାଦକ କମ୍ରେଡ. ଅଶୋକ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବରିଷ୍ଠ କମ୍ରେଡ୍. ବି. ସୁକୁଟା ଲାଲ ପତାକା ଉତ୍ତୋଳନ କରିଥିଲେ । ଶାଖା ସମ୍ପାଦକ କମ୍ରେଡ. ପ୍ରକାଶ ଚନ୍ଦ୍ର ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କମ୍ରେଡ. କୃଷ୍ଣଚନ୍ଦ୍ର ଦାଶ, ବାଳକୃଷ୍ଣ ବେହେରା, ସେନାଲୁ. ବିଚିତ୍ର, ଏନ. କାଳିଆ, ଏନ. ଖାରଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପାର୍ଟିର ବରିଷ୍ଠ ସଦସ୍ୟ କମ୍ରେଡ. ବୃନ୍ଦାବନ ପଣ୍ଡା ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ଓ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ତଥା ବିଜେପି ସରକାରଙ୍କ ଜନମାରଣ ନୀତିର ଦୃଢ ନିନ୍ଦା କରିଥିଲେ । ପରେ ପାର୍ଟିର ସମସ୍ତ ପୁରାତନ ସଦସ୍ୟା ସଦସ୍ୟଙ୍କ ସଭ୍ୟପଦ ନବୀକରଣ କରାଯିବା ସହିତ ୪ ଜଣ ନୂତନ ସଦସ୍ୟଙ୍କୁ ପାର୍ଟି ସଦସ୍ୟ ରୂପେ ଗ୍ରହଣ କରାଯାଇଥିଲା । ପାର୍ଟିର ଗଣ ସଙ୍ଗଠନ ଗୁଡିକୁ ସୁଦୃଢ କରିବା ପାଇଁ ସମ୍ମିଳନୀରେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା । ଆଗାମୀ ଦିନରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବଡଖେମୁଣ୍ଡି ଜୋନ ସମ୍ମିଳନୀ ଭୀଷ୍ମଗିରି ଗ୍ରାମରେ କରାଯିବା ସହ ସାଧାରଣ ସଭା ମହା ଆଡମ୍ବରରେ କରାଯିବା ପାଇଁ ସ୍ଥିର କରାଯାଇଛି । ସମ୍ମିଳନୀରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବଡ଼ଖେମୁଣ୍ଡି ଜୋନ ସମ୍ପାଦକ କମ୍ରେଡ. କିଶୋର କୁମାର ଶତପଥୀ ଏବଂ କୃଷକ ନେତା ପୁରୁଷୋତ୍ତମ ବେହେରା ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ପାର୍ଟିର ସଙ୍ଗଠନର ଅଭିବୃଦ୍ଧି ନିମନ୍ତେ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ବର୍ଷ ପାଇଁ କମ୍ରେଡ. ପ୍ରକାଶ ଚନ୍ଦ୍ର ସେଠୀ ସମ୍ପାଦକ ଓ ଅଶୋକ କୁମାର ସେଠୀଙ୍କୁ ସହସମ୍ପାଦକ ରୂପେ ପୁନଃ ଚୟନ କରାଯାଇଥିଲା ।

### ପ୍ରାଣୀ ଚିକିତ୍ସାଳୟରେ ଅବ୍ୟବସ୍ଥା

## ଛୁଟିଦିନରେ ବନ୍ଦ ରହୁଛି ନିଦାନିକ ଅନୁସନ୍ଧାନ ପରୀକ୍ଷାଗାର

ବ୍ରହ୍ମପୁର,୨୮ ।୧(ସମିସ):

ସରକାରୀ ଛୁଟିଦିନରେ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲାର ଏକ ମାତ୍ର ନିଦାନିକ ଅନୁସନ୍ଧାନ ପରୀକ୍ଷାଗାର ସମ୍ପୂର୍ଣ୍ଣ ବନ୍ଦ ରହୁଛି । ଯାହାର ପ୍ରଭାବ ସିଧାସଳଖ ଗୃହପାଳିତ ପଶୁପକ୍ଷୀଙ୍କ

### ରୋଗ ଚିହ୍ନଟରେ ବିଳମ୍ବ, ହନ୍ତସନ୍ତ ଚାଷୀ

ଉପରେ ପଡୁଛି । ରୋଗ ଚିହ୍ନଟ ଓ ନିର୍ଦ୍ଦିଷ୍ଟ ଚିକିତ୍ସାରେ ବିଳମ୍ବ ହେଉଥିବାରୁ ପଶୁପାଳକମାନେ ଗଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ପଶୁପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଚିକିତ୍ସା କ୍ଷେତ୍ରରେ ମନୁଷ୍ୟଙ୍କ ଭଳି ପଶୁପକ୍ଷୀଙ୍କ ମଧ୍ୟ ନିଦାନର ଆବଶ୍ୟକତା ରହିଛି । ଏହାଦ୍ୱାରା ପ୍ରକୃତ ରୋଗ ଓ କାରଣ ଜଣାପଡ଼ିଥାଏ । ଫଳରେ ଅସୁସ୍ଥ




ଓ ଆହତ ପଶୁପକ୍ଷୀଙ୍କ ସମୟୋପଯୋଗୀ ଚିକିତ୍ସା କରାଯାଇପାରିବ । କିନ୍ତୁ ଛୁଟିଦିନରେ ଚିକିତ୍ସାଳୟର ଓପିଡ଼ି ଖୋଲା ରହୁଥିବା ବେଳେ ନିଦାନିକ ଅନୁସନ୍ଧାନ ପରୀକ୍ଷାଗାର ସମ୍ପୂର୍ଣ୍ଣ ବନ୍ଦ ରହିବା ଚିନ୍ତାର କାରଣ ହୋଇଛି । ପ୍ରତିଦିନ ୬୦ରୁ ୭୦ଟି ଆହତ ଓ ଅସୁସ୍ଥ ଗୃହପାଳିତ ପଶୁପକ୍ଷୀ ଚିକିତ୍ସା ନିମନ୍ତେ ଚିକିତ୍ସାଳୟକୁ ଆସିଥାନ୍ତି । ବିଭିନ୍ନ ସମୟରେ କ୍ରମାଗତ ଭାବେ ଏକାଧିକ ଦିନ ସରକାରୀ ଛୁଟି ରହିବା ସ୍ଥଳେ ପଶୁପକ୍ଷୀଙ୍କ ଚିକିତ୍ସାରେ ସମସ୍ୟା ଉପୁଜୁଛି । ଗତ ଶନିବାର ମାସର ଶେଷ ଶନିବାର ହୋଇଥିବା ବେଳେ ସରକାରୀ ଛୁଟି ରହିଥିଲା । ସେହିପରି ରବିବାର ଛୁଟିଦିନ ଏବଂ ସୋମବାର ସାଧାରଣତନ୍ତ୍ର ଦିବସ ହୋଇଥିବାରୁ କ୍ରମାଗତ ୩ଦିନ ସରକାରୀ ଛୁଟି ଥିଲା । ଲମ୍ବା ସରକାରୀ ଛୁଟି କାରଣରୁ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲାର ଏକମାତ୍ର ନିଦାନିକ ଅନୁସନ୍ଧାନ ପରୀକ୍ଷାଗାର ସମ୍ପୂର୍ଣ୍ଣ ବନ୍ଦ ଥିଲା । ପରୀକ୍ଷାଗାର ବନ୍ଦ ଯୋଗୁଁ ପଶୁପକ୍ଷୀଙ୍କ ବିଭିନ୍ନ ରୋଗର ନିଦାନ କରିବା ସମ୍ଭବପର ହେଉନାହିଁ । ଫଳସ୍ୱରୂପ ଅନୁମାନ ଭିତ୍ତିକ ଚିକିତ୍ସା କରାଯାଉଛି, ଯାହା କେତେକ ମାମଲାରେ ପଶୁପକ୍ଷୀଙ୍କ ଜୀବନ ପାଇଁ ଘାତକ ସିଦ୍ଧ ହେଉଛି । ଗୃହପାଳିତ ଗାଈ, ଛେଳି, କୁକୁଡା. କୁକୁର ଓ ବିଲେଇ ପାଳକଙ୍କ ମତରେ ଜରୁରୀକାଳୀନ ସମୟରେ ମଧ୍ୟ ଲ୍ୟାବ୍ ସୁବିଧା ନମିଳିବା ଅତ୍ୟନ୍ତ ଦୁଃଖଦ । ଫଳରେ କେତେକ ପଶୁପାଳକ ବାଧ୍ୟ ହୋଇ ସହରରେ ଥିବା ବିଭିନ୍ନ ବେସରକାରୀ ଲ୍ୟାବକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ସରକାରୀ ଛୁଟିଦିନ ଗୁଡିକରେ ଏକ ଜରୁରୀକାଳୀନ ନିଦାନିକ ପରୀକ୍ଷାଗାର କାର୍ଯ୍ୟକ୍ଷମ ରହିବା ଆବଶ୍ୟକ ବୋଲି ପଶୁଚିକିତ୍ସକମାନେ ମଧ୍ୟ ସ୍ୱୀକାର କରିଛନ୍ତି । ଯଦ୍ୱାରା ଉଚିତ ସମୟରେ ରୋଗ ଚିହ୍ନଟ କରି ପଶୁପକ୍ଷୀଙ୍କ ଜୀବନ ରକ୍ଷା କରାଯାଇପାରିବ । ଏନେଇ ସରକାର ତୁରନ୍ତ ଦୃଷ୍ଟି ଦେଇ ଛୁଟିଦିନରେ ଜରୁରୀକାଳୀନ ଲ୍ୟାବ୍ ସେବା ଆରମ୍ଭ କରିବାକୁ ପଶୁପାଳକ ଓ ସଚେତନ ନାଗରିକମାନେ ଦାବି କରିଛନ୍ତି ।

## ଜୁନିୟର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ




ପୋଲସରା,୨୮ ।୧(ସମିସ): ପୋଲସରା ମ୍ୟୁନିସିପାଲିଟି ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ ପରିସରରେ ବ୍ୟାଡ୍‌ମିଣ୍ଟନ କୋଚ ପଦ୍ମଚରଣ ନନ୍ଦଙ୍କ ତତ୍ତ୍ୱାବଧାନରେ ଜୁନିୟର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ । ବେଷ୍ଟ ଅଫ ଥ୍ରୀ ଖେଳାଳିଙ୍କୁ ଯୋଗ୍ୟତା ପର୍ଯ୍ୟାୟରେ ଚୟନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ସିଦ୍ଧେସ ୧ମ ସ୍ଥାନ ଗ୍ରହଣ କରିଥିବା ବେଳେ ରୁଦ୍ର ୨ୟ ଓ ସୌମ୍ୟରାଜ ୩ୟ ସ୍ଥାନ ହାସଲକରି ଟ୍ରଫି ଗ୍ରହଣ କରିଥିଲେ । ଅତିଥି ଭାବେ ଇନ୍‌ଡୋର ଷ୍ଟାଡିୟମ ସଭାପତି ସଂଗ୍ରାମ କେଶରୀ ଶାସମଲ, ଉପସଭାପତି ଶିବ ପ୍ରସାଦ ସାହୁ, ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ସ୍ୱରୂପ କିଶୋର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ସିନିୟର ଖେଳାଳି କୁନା ବେହେରା, ବାବୁଲି ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମିଶ୍ର ସମେତ ବହୁ ସିନିୟର ଖେଳାଳି ସହଯୋଗ କରିଥିଲେ ।

## ବାଲୁଖଣ୍ଡରେ ଖାଦ୍ୟାଭାବ !

# ହୋଟେଲରେ ଶରଣ ମାଗିଲା ହରିଣ

ପୁରୀ,୨୮।୧(ସମିସ): ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟରେ ବିଭିନ୍ନ ପ୍ରକାର ବନ୍ୟଜନ୍ତୁ ରହୁଛନ୍ତି। ହେଲେ ଏଠାରେ ପ୍ରମୁଖ ଆକର୍ଷଣ ହେଉଛନ୍ତି ଚିତ୍ରା ହରିଣ। ଦୀର୍ଘ ବର୍ଷ ହେବ ହରିଣ ଗଣନା ହୋଇପାରି ନ ଥିବାରୁ ଏମାନଙ୍କ ସଂଖ୍ୟା କେତେ ବନ ବିଭାଗ ପାଖରେ ନିର୍ଦ୍ଦିଷ୍ଟ ଭାବେ ତଥ୍ୟ ନାହିଁ। ବାତ୍ୟା ଫନିରେ ଅନେକ ହରିଣ ମୃତାହତ ହୋଇଥିଲେ। କିନ୍ତୁ ଗତ ୬ ବର୍ଷ ମଧ୍ୟରେ ଏମାନଙ୍କ ସଂଖ୍ୟା ପୂର୍ବାବସ୍ଥାକୁ ଫେରିଥିବା କୁହାଯାଉଛି। ହେଲେ ବାଲୁଖଣ୍ଡରେ ସେମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ ସାଙ୍ଗକୁ ଉପଯୁକ୍ତ ବାସ ମିଳୁ ନ ଥିବା ବିଭିନ୍ନ ସମୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ କାମ କରୁଥିବା ସ୍ୱେଚ୍ଛାସେବୀ ଅଭିଯୋଗ କରିଆସୁଛନ୍ତି। ଫଳରେ ବିଭିନ୍ନ ସମୟରେ ବାଟ ହୁଡୁଛନ୍ତି ହରିଣ। ଖାଦ୍ୟ, ପାନୀୟ ଆଶାରେ ଜନବସତିମୁହାଁ ହେଉଥିବା ହରିଣ ବେଳେବେଳେ ବିପଦରେ ପଡୁଛନ୍ତି। କେତେବେଳେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି ତ ପୁଣି କେତେବେଳେ ଗାଡ଼ି ଦୁର୍ଘଟଣା ଏପରିକି ଡ୍ରେନ୍‌ରେ ପଡ଼ି ଏମାନଙ୍କ ଜୀବନ ଯାଉଛି। ଏମିତି ବି ମଣିଷଙ୍କ ଦ୍ୱାରା ଶିକାର ହେଉଛନ୍ତି ନିରୀହ ହରିଣ। ନିକଟରେ ଏକ ହରିଣ ଖାଦ୍ୟ ଅନ୍ୱେଷଣରେ ହୋଟେଲ ଭିତରେ ପଶିବା ଏବଂ ତାକୁ ଉଦ୍ଧାର କରାଯାଇ ବନ ବିଭାଗକୁ ହସ୍ତାନ୍ତର କରାଯିବା ଚର୍ଚ୍ଚାର ବିଷୟ ପାଲଟିଛି।



୨୦୧୯ ଫନି ବାତ୍ୟାରେ ବାଲୁଖଣ୍ଡରେ ଲକ୍ଷ ଲକ୍ଷ ଗଛ ଧରାଶାୟୀ ହୋଇଥିବାବେଳେ ହରିଣ ଏଣେତେଣେ ପଳାଇ ଯାଇଥିଲେ। କେତେକ ମୃତାହତ ମଧ୍ୟ ହୋଇଥିଲେ। ବାତ୍ୟାର କିଛିଦିନ ପରେ ପୁଣି ବାଲୁଖଣ୍ଡକୁ ଫେରିଥିଲେ ହରିଣ ପଲ। ହେଲେ ଦ୍ରୁତ ସହରୀକରଣ ଯୋଗୁଁ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ଗୋଟିଏପଟେ ଜଙ୍ଗଲ ସଂକୁଚିତ ହେଉଥିବାବେଳେ ଅନ୍ୟପଟେ ବନ୍ୟପ୍ରାଣୀଙ୍କ ବାସ ପାଇଁ ସଙ୍କଟ ସୃଷ୍ଟି ହେଲାଣି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ ଓ ପାନୀୟ ସଙ୍କଟ ଯୋଗୁଁ ବେଳେବେଳେ ସେମାନେ ମୃତାହତ ହେଉଛନ୍ତି। ପର୍ଯ୍ୟାପ୍ତ ଘାସ ମିଳୁନାହିଁ। ବିଭାଗ ପକ୍ଷରୁ ମଧ୍ୟ ସେଭଳି ବ୍ୟବସ୍ଥା ହେଉନାହିଁ। ଫଳରେ ଖାଦ୍ୟ କିମ୍ବା ପାନୀୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଗଲେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ଡ୍ରେନ୍‌ରେ ପଡ଼ି ବି ହରିଣଙ୍କ ମୃତ୍ୟୁ ହେବାର ଅନେକ ନଜିର ରହିଥିବାବେଳେ ଲୋକମାନେ ଫାଶ ବସାଇ ହରିଣକୁ ମାରୁଛନ୍ତି। ଗତ ୨୩ ତାରିଖରେ ଷ୍ଟେସନ ଛକରେ ଥିବା ଚନ୍ଦୁ ରେଷ୍ଟୋରାଁ ଭିତରକୁ ଏକ ହରିଣ ପଶିଯାଇଥିଲା। ସେହି ସମୟରେ ଗ୍ରାହକମାନେ ହୋଟେଲରେ ଖାଉଥିଲେ। ହରିଣର ବଡ଼ ବଡ଼ ଶିଙ୍ଗ ଥିବା ଦେଖି ଗ୍ରାହକ ଭୟରେ ଉଠି ଦୌଡ଼ିଥିଲେ। ପରେ ସତର୍କତାର ସହ ରେଷ୍ଟୋରାଁ କର୍ମଚାରୀ ହରିଣଟିକୁ କାବୁ କରି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀମାନେ ପହଞ୍ଚି ହରିଣଟିକୁ ଉଦ୍ଧାର କରି ତା'ର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅଭୟାରଣ୍ୟରେ ଛାଡ଼ିଥିଲେ। ସେହିପରି ଗତ ମାସ ୨୮ ତାରିଖ ରାତିରେ ପୁରୀ-କୋଣାର୍କ ରାସ୍ତାର ବିପଦ ତାରିଣୀ ମନ୍ଦିର ନିକଟରେ ଏକ ହରିଣ ଦୁର୍ଘଟଣାର ଶିକାର ହୋଇଥିଲା। ଜନବସତିମୁହାଁ ହରିଣଟି ଅଭୟାରଣ୍ୟରୁ ବାହାରି ରାସ୍ତା ପାର୍ ହେଉଥିଲାବେଳେ ଏକ କାର୍ ତାକୁ ଧକ୍କା ଦେଇଥିଲା। ଫଳରେ ହରିଣଟି ରାସ୍ତାରେ ଛିଟିକି ପଡ଼ିଥିଲା। ସେହି ବାଟ ଦେଇ ଯାଉଥିବା କିଛି ଲୋକ ଗାଡ଼ି ରଖି ହରିଣଟିକୁ ଧରି ବନ ବିଭାଗକୁ ଖବର ଦେଇଥିଲେ। କିଛି ସମୟ ପରେ ହରିଣଟି ସେମିତି ଆହତ ଅବସ୍ଥାରେ ପଳାଇ ଯାଇଥିଲା। ନିକଟରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଆଳସାହି ପଞ୍ଚାୟତ ଅନନ୍ତା ଗାଁର ଦଳ ପୋଖରୀରୁ ଏକ ହରିଣକୁ ଗାଁ ଲୋକେ ଉଦ୍ଧାର କରିଥିଲେ। ଏ ନେଇ ବନ ବିଭାଗ ଏବଂ ପୁଲିସକୁ ଖବର ଦେଇଥିଲେ। ଅସ୍ତରଙ୍ଗ ପୁଲିସ ଏବଂ ବନ କର୍ମଚାରୀ ପହଞ୍ଚି ହରିଣକୁ ଉଦ୍ଧାର କରି ସହନ ଜଙ୍ଗଲରେ ଛାଡ଼ି ଦେଇଥିଲେ।

ଏ ନେଇ ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ବାଲୁଖଣ୍ଡ ଅଭୟାରଣ୍ୟରେ ହରିଣଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟର ଅଭାବ ରହୁଛି। ଯେଉଁଥିପାଇଁ ବିଭିନ୍ନ ସମୟରେ ଜନବସତି ଆଡ଼କୁ ମୁହାଁଉଥିବାବେଳେ ରାସ୍ତାରେ ଦୁର୍ଘଟଣାର ଶିକାର ହେଉଛନ୍ତି। ହୋଟେଲ, ପୋଖରୀ ଭିତରକୁ ହରିଣ ପଶିଯିବା ଏହା ହିଁ ସ୍ପଷ୍ଟ କରୁଛି। ଯଦି ଅଭୟାରଣ୍ୟରେ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ ସାଙ୍ଗକୁ ଉପଯୁକ୍ତ ବାସ ମିଳନ୍ତା, ତେବେ ହରିଣପଲ ଜନବସତିମୁହାଁ ହୋଇ ବିପଦରେ କାହିଁକି ପଡ଼ନ୍ତେ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବାଲୁଖଣ୍ଡ ରେଞ୍ଜରଙ୍କୁ ପଚାରିବାରେ, ଅଭୟାରଣ୍ୟରେ ହରିଣଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଓ ପିଇବା ପାଣିର ବ୍ୟବସ୍ଥା କରାଯାଇଛି।

# ଓଜେଇଇ ନାମଲେଖା ଆବେଦନ ଆରମ୍ଭ

**ମାର୍ଚ୍ଚ ୨୨ ଯାଏଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ**

ଭୁବନେଶ୍ୱର, ୨୮ ।୧(ସମିସ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ୨୦୨୬ ପାଇଁ ବୁଧବାର ଠାରୁ ଆରମ୍ଭ ହୋଇଛି ଆବେଦନ ପ୍ରକ୍ରିୟା। ମାର୍ଚ୍ଚ ୨୨ ତାରିଖ ଯାଏଁ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଓଜେଇଇ ୱେବସାଇଟ୍ www.ojee.nic.in ରେ ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବି ଫାର୍ମା ପାଠ୍ୟକ୍ରମ ସମେତ ନର୍ସିଂ (ବିଏସ୍‌ସି ନର୍ସିଂ, ପୋଷ୍ଟ ବିଏସ୍‌ସି ନର୍ସିଂ, ପୋଷ୍ଟ ଡିପ୍ଲୋମା ନର୍ସିଂ, ଏମ୍‌ଏସ୍‌ସି ନର୍ସିଂ), ଏମ୍‌ସିଏ, ଏମ୍‌ସିଏ କମ୍ପ୍ୟୁଟର ସାଇନ୍ସ, ଏମ୍‌ବିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ବିକ୍ୟାଟ୍, ଏମ୍‌ଟେକ୍, ପାର୍ଟ ଟାଇମ୍ ଏମ୍‌ଟେକ୍, ଏମ୍ ଆର୍କ, ଏମ୍ ପ୍ଲାନ୍, ଏମ୍ ଫାର୍ମା ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଗ୍ରହଣ କରାଯିବ। ଏହାସହ ଲାଟେରାଲ୍ ଏଣ୍ଟ୍ରିରେ ବିଟେକ୍ ଓ ବି-ଫାର୍ମା ପାଠ୍ୟକ୍ରମ ପଢ଼ିବା ପାଇଁ ମଧ୍ୟ ଆବେଦନ କରିପାରିବେ। ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ମହାବିଦ୍ୟାଳୟରେ ଏସବୁ ପାଠ୍ୟକ୍ରମ ପଢ଼ିବା ପାଇଁ ଓଜେଇଇ ପରୀକ୍ଷା ଦେବାକୁ ହେବ। ବାହାର ରାଜ୍ୟର ଛାତ୍ରଛାତ୍ରୀମାନେ ଆବେଦନ କଲେ ମଧ୍ୟ ସେମାନଙ୍କୁ କେବଳ ଘରୋଇ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ବିଚାରକୁ ନିଆଯିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ଆସନ୍ତା ମେ ୪ ରୁ ୯ ତାରିଖ ମଧ୍ୟରେ ପରୀକ୍ଷା କମ୍ପ୍ୟୁଟର ବେସଜ୍ ଟେଷ୍ଟ (ସିବିଟି) ମାଧ୍ୟମରେ ହେବ ବୋଲି କୁହାଯାଇଛି।

# ଐତିହ୍ୟସ୍ଥଳୀ ବୁଲିବେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ

ଭୁବନେଶ୍ୱର, ୨୮ ।୧(ସମିସ): ଉଚ୍ଚଶିକ୍ଷା ବିଭାଗ ଓ ଏନ୍‌ଏସ୍‌ଏସ୍ ପକ୍ଷରୁ 'ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ-୨୦୨୬' ଆରମ୍ଭ ହୋଇଛି। ରାଜ୍ୟର ପ୍ରାୟ ୨୬୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ମନ୍ଦିର, ବେଳାଭୂମି, ଐତିହାସିକ ସ୍ଥାନ ବୁଲି ଦେଖିବେ। ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ପରିଭ୍ରମଣ କରିବେ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ- ଓୟୁଏଟି ବୁଝାମଣା

# ରାଜ୍ୟରେ ସୁଦୃଢ଼ ହେବ କୃଷି ଗବେଷଣା




ଭୁବନେଶ୍ୱର, ୨୮ ।୧(ସମିସ): କୃଷି ଏବଂ ସହଯୋଗୀ କ୍ଷେତ୍ରରେ ଗବେଷଣା ସହିତ ନବ ଉନ୍ମେଷ ଓ ବିସ୍ତାର କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ଓ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ (ଓୟୁଏଟି) ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଓୟୁଏଟିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଏମ୍‌ଓୟୁର କାର୍ଯ୍ୟକାରିତା ସମ୍ପର୍କରେ ବ୍ୟାପକ ଆଲୋଚନା କରିଛନ୍ତି। ଏମ୍‌ଓୟୁକୁ ନେଇ ପ୍ରଫେସର ପଣ୍ଡା କହିଛନ୍ତି ଯେ ରାଜ୍ୟର ଦୁଇଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁଣାତ୍ମକ ଶିକ୍ଷା ଓ ବୈଜ୍ଞାନିକ ସହଯୋଗର ନୂତନ ଦିଗ ଖୋଲିବ। ଛାତ୍ରଛାତ୍ରୀ, ବୈଜ୍ଞାନିକ ଓ ଅଧ୍ୟାପକମାନେ ସେମାନଙ୍କ କାର୍ଯ୍ୟରେ ପ୍ରଯୁକ୍ତିବିଦ୍ୟା, ବୈଜ୍ଞାନିକ ଲେଖା ଓ ସୂଚନାର ସାମୂହିକ ବ୍ୟବହାର କରିପାରିବେ। ଫଳରେ କୃଷି ଓ ସହଯୋଗୀ ବିଷୟରେ ବୈଜ୍ଞାନିକ ଜ୍ଞାନ ଓ ପ୍ରାୟୋଗିକ କୌଶଳକୁ ବଢ଼ିବା ସହ ଦୀର୍ଘକାଳୀନ ଭାବେ କୃଷକଙ୍କ ଆର୍ଥିକ ଉନ୍ନତି ଓ ରାଜ୍ୟର ଅର୍ଥନୈତିକ ବିକାଶ ହୋଇପାରିବ। ଏହି ଏମ୍‌ଓୟୁ ତିନି ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ବୋଲି ସିୟୁଓର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ କୃଷି ବିଭାଗ ମୁଖ୍ୟ ଡ଼. ମଞ୍ଜୁଶ୍ରୀ ସିଂହ, ଦୁଗ୍ଧ ବିଜ୍ଞାନ ବିଭାଗ ମୁଖ୍ୟ ଡ଼. ସଞ୍ଜୟ କୁମାର ପ୍ରଧାନ ଓ କୁଳପତିଙ୍କ ବିଶେଷ କାର୍ଯ୍ୟାଧିକାରୀ ଡ଼. ଅନୁପମ ଡାକୁଆଙ୍କ ସମେତ ଓୟୁଏଟି ପକ୍ଷରୁ ଗବେଷଣା ନିର୍ଦ୍ଦେଶକ ଡ଼. ନିରଞ୍ଜନ ପାଣ୍ଡା ଓ ଯୋଜନା, ନିରୀକ୍ଷଣ ଓ ମୂଲ୍ୟାୟନ ନିର୍ଦ୍ଦେଶକ (ଡିପିଏମଇ) ଡ଼. ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

■ 'ସିଡିଏମ୍‌ଏସ'୩.୦ର ଲୋକାର୍ପଣ

# ଇ-ଆଇବି ଡିଜିଟାଲ ବୁକିଂ ପ୍ଲାଟଫର୍ମର ଶୁଭାରମ୍ଭ

ଭୁବନେଶ୍ୱର,୨୮ ।୧(ସମିସ): ରାଜ୍ୟରେ ଠିକାଦାର ପରିଚାଳନା ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଠିକାଦାର ଡାଟାବେସ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ସିଡିଏମ୍‌ଏସ) ୩.୦ ର ଶୁଭାରମ୍ଭ କରିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ପୂର୍ତ୍ତ ବିଭାଗ ଏହି ସିଡିଏମ୍‌ଏସ ପରିଚାଳନାର ନୋଡାଲ ବିଭାଗ ରହିବା ସହ ଅନ୍ୟ ୪ଟି ବିଭାଗ ଯଥା ଜଳସମ୍ପଦ, ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗ ମଧ୍ୟ ନୂତନ ବ୍ୟବସ୍ଥାର ସଦୁପଯୋଗ କରିପାରିବେ ବୋଲି ବ୍ୟବସ୍ଥା ହୋଇଛି। ଏହା ବ୍ୟତୀତ ନିର୍ମାଣ ବିଭାଗ ପକ୍ଷରୁ ଇ-ଆଇବି ଡିଜିଟାଲ ବୁକିଂ ପ୍ଲାଟଫର୍ମର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର, ପୁରୀ ଓ କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ବୁକିଂ ପ୍ରକ୍ରିୟାକୁ ଡିଜିଟାଲ୍ କରିବା ପାଇଁ ଉଦ୍ଦିଷ୍ଟ ଏହି ଅନଲାଇନ୍ ଆପ୍ଲିକେସନ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହା ବିଭାଗର ଅଧିକାରୀ ଓ ସାଧାରଣ ଜନତା ପାଇଁ ଉପକାରୀ ସାବ୍ୟସ୍ତ ହେବ ହେବ ବୋଲି ସରକାର କହିଛନ୍ତି। ଅନଲାଇନ୍ ମାଧ୍ୟମରେ ରୁମ୍ ବୁକିଂ ଓ ବାତିଲ୍ ବ୍ୟବସ୍ଥା ସହ ବୁକିଂ ସମ୍ବନ୍ଧୀୟ ସମସ୍ତ ସୂଚନା ଗୋଟିଏ ସ୍ଥାନରେ ପାଇବା, ଇଣ୍ଟରନେଟ ମାଧ୍ୟମରେ ଯେକୌଣସି ସ୍ଥାନରୁ ବ୍ୟବହାର ସୁବିଧା ସହ ବୁକିଂ ଓ ଆବଣ୍ଟନ ସ୍ଥିତି ଅନଲାଇନ ମାଧ୍ୟମରେ ସହଜରେ ଜାଣିବା ଏହି ପ୍ଲାଟଫର୍ମର ମୁଖ୍ୟ ବୈଶିଷ୍ଟ୍ୟ ରହିଛି।

# ପଶ୍ଚିମ ଓଡ଼ିଶା ଶିଳ୍ପ ଅଭିବୃଦ୍ଧିର ମୂଳ ହୃତପିଣ୍ଡ: ମୁଖ୍ୟମନ୍ତ୍ରୀ

■ ୮୮୦୦ କୋଟିର ୨୦ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ
■ ୨୨ଟି ବୁଝାମଣାପତ୍ର ସହ ୫ଟି ନିବେଶ ପ୍ରସ୍ତାବ ଗ୍ରହଣ




ରାଉରକେଲା,୨୮।୧(ସମିସ): ରାଉରକେଲାଠାରେ ଆୟୋଜିତ ଏଣ୍ଟରପ୍ରାଇଜ୍ ଓଡ଼ିଶା ୨୦୨୬ର ୨୫ତମ ସଂସ୍କରଣର ଦ୍ୱିତୀୟ ଦିନର ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୮୮୮୪ କୋଟି ଟଙ୍କାର ୨୦ଟି ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହା ସହିତ ୫୬୭୦୮ କୋଟି ଟଙ୍କା ନିବେଶ ସହିତ ୧୧ଟି ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଶ୍ଚିମ ଓଡ଼ିଶା ହେଉଛି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ମୂଳ ହୃତପିଣ୍ଡ। ଏଣ୍ଟରପ୍ରାଇଜ୍ ଓଡ଼ିଶାର ରୌପ୍ୟ ଜୟନ୍ତୀ ସଂସ୍କରଣ ଆମ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଶ୍ରେଷ୍ଠ ହେବାର ଆକାଂକ୍ଷାକୁ ପ୍ରତିଫଳିତ କରୁଛି। ଏହା ଆମର ନବୀକରଣ ଦୃଷ୍ଟିକୋଣକୁ ପ୍ରତିଫଳିତ କରିବା ସହ ଆର୍ଥିକ ଅଭିବୃଦ୍ଧି ଜୀବନର ଉନ୍ନତ ଗୁଣବତ୍ତା, ଶିଳ୍ପ ବିକାଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଜୀବନଧାରଣ ମାନ ବୃଦ୍ଧି କରିବା ଏବଂ ଶିଳ୍ପ ଅଭିବୃଦ୍ଧି ପ୍ରତ୍ୟେକ ନାଗରିକଙ୍କ ଜୀବନରେ ଉତ୍ତମ ସୁଯୋଗ ଆଣିବ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ରାଉରକେଲା ଚାମ୍ବର ଅଫ୍ କମର୍ସ, ଓଡ଼ିଶା ସ୍ପଞ୍ଜ ଆଇରନ୍ ମାନୁଫାକ୍ଚରିଂ ଆସୋସିଏସନ୍ (ଓସେମା) ସହିତ ୩ଟି ଗୁରୁତ୍ୱପୂର୍ଣ୍ଣ ଗୋଲଟେବୁଲ ଆଲୋଚନା ସହ ରାଞ୍ଚି ଏବଂ ରାୟପୁରର ପ୍ରତିନିଧିମଣ୍ଡଳ ସହିତ ଏକ ବିଶେଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଗୋଲଟେବୁଲ ଆଲୋଚନା ମାଧ୍ୟମରେ, ୪୩,୩୫୯ କୋଟି ଟଙ୍କାର ୨୨ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ଢେଙ୍କାନାଳର କାମାକ୍ଷାନଗରରେ ବେଦାନ୍ତ ଆଲୁମିନିୟମ ଲିମିଟେଡକୁ ଏହାର ପ୍ରସ୍ତାବିତ ୩ ନିୟୁତ ଟନ୍ ପ୍ରତିବର୍ଷ ଆଲୁମିନିୟମ ସ୍ମେଲଟର ଏବଂ ୪,୯୦୦ ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ପ୍ରକଳ୍ପ ପାଇଁ ୧୪୪୭.୯୨୭ ଏକର ଜମି ପ୍ରଦାନ କରିବା ପାଇଁ ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଦୁର୍ଗା ଚରଣ ତନ୍ତୀ, ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ସିଆଇଆଇର ଅଧ୍ୟକ୍ଷ, ଭାରତୀୟ ଶିଳ୍ପ ମହାସଂଘର ପ୍ରତିନିଧି, ଟାଟା ଷ୍ଟିଲ୍, ଏମସିଏଲ, ଜେଏସଡବ୍ଲ୍ୟୁ, ବେଦାନ୍ତ, ଡାଲମିଆ ସିମେଣ୍ଟ, ସେଲ, ଏଏମଏନଏସ ଏବଂ ରାଉରକେଲା ଚାମ୍ବର ଅଫ୍ କମର୍ସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଓବିସିସି ଓ ସିପିଏସ୍‌ୟୁ ମାଧ୍ୟମରେ ସ୍କୁଲ ଭିତ୍ତିଭୂମି ବିକାଶ ପ୍ରସଂଗ

# ଓସେପା ନିଷ୍ପତ୍ତି ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

କଟକ,୨୮ ।୧(ସମିସ): ସିପିଏସ୍‌ୟୁ (ସେଣ୍ଟ୍ରାଲ ପବ୍ଲିକ ସେକ୍ଟର ଅଣ୍ଡରଟେକିଂ) ଏବଂ ଓବିସିସି ମାଧ୍ୟମରେ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲଗୁଡ଼ିକର ଭିତ୍ତିଭୂମି ବିକାଶ ପ୍ରସଂଗରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ଗତ ଜାନୁଆରୀ ୫ତାରିଖ ବୈଠକର ନିଷ୍ପତ୍ତିର କାର୍ଯ୍ୟକାରିତା ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ସୁଶ୍ରୀସରିତା ଷଡଙ୍ଗୀ ଓ ଅନ୍ୟ ତିନି ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟ ବିଦ୍ୟାଳୟ, ଗଣଶିକ୍ଷା ସଚିବ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ହାଇକୋର୍ଟ ନୋଟିସ ଜାରି କରି ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫେବ୍ରୁଆରୀ ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ବିଭିନ୍ନ ବ୍ଲକରେ ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଆବେଦନକାରୀମାନେ ଓସେପାର ଗତ ଜାନୁଆରୀ ୫ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ବେଆଇନ ବୋଲି ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଓସେପା ପରିଚାଳନା ପରିଷଦ ଅନୁମୋଦନ ବିନା ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଥିବାରୁ ଏହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଓସେପା ପକ୍ଷରୁ ସ୍କୁଲଗୁଡ଼ିକର ଭିତ୍ତିଭୂମି ବିକାଶ କାର୍ଯ୍ୟ ପାଇଁ ଆବେଦନକାରୀଙ୍କ ଭଳି ବୈଷୟିକ ପରାମର୍ଶଦାତା ନିୟୋଜିତ ହୋଇଥିଲେ। ଏପରି ନିଷ୍ପତ୍ତି ଫଳରେ ଓସେପା ଦ୍ୱାରା ନିୟୋଜିତ ବୈଷୟିକ ପରାମର୍ଶଦାତା ଓ ଅନ୍ୟ କର୍ମଚାରୀ ଚାକିରି ହରାଇ ପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି।

# ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ରିପୋର୍ଟ ଦାଖଲ



ଭୁବନେଶ୍ୱର,୨୮ ।୧(ସମିସ): ଷଷ୍ଠ ରାଜ୍ୟ ଅର୍ଥ କମିଶନର ଡକ୍ଟର ଅରୁଣ କୁମାର ପଣ୍ଡା ବୁଧବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ସମୀକ୍ଷା' ପୋର୍ଟାଲର ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ପୋର୍ଟାଲରେ ରାଜ୍ୟ ଅର୍ଥ କମିଶନ ଏବଂ କେନ୍ଦ୍ର ଅର୍ଥ କମିଶନ ଅନୁଦାନ ଅଧୀନରେ ରାସ୍ତା, ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଆଲୋକୀକରଣ, ପାର୍କ ଏବଂ ସାଧାରଣ ଉପଯୋଗୀତା ଇତ୍ୟାଦି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତି ବିଷୟରେ ପ୍ରକୃତ ସୂଚନା ପ୍ରଦାନ କରିବ। ନାଗରିକ, ନିର୍ବାଚିତ ପ୍ରତିନିଧି କିମ୍ବା ଯେକୌଣସି ବ୍ୟକ୍ତି ପ୍ରଦତ୍ତ ଲିଙ୍କ୍ ମାଧ୍ୟମରେ ପୋର୍ଟାଲରେ ପ୍ରବେଶ କରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ପ୍ରଗତି ତଦାରଖ କରିପାରିବେ। ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଓଡ଼ିଶାର ଆର୍ଥିକ ମାନଦଣ୍ଡ, ପଞ୍ଚାୟତ ସ୍ତରର ଢାଞ୍ଚା ପରିବର୍ତ୍ତନ, ଜନସାଧାରଣଙ୍କ ଜୀବନଧାରଣାର ମାନ ବୃଦ୍ଧି, ପ୍ରତ୍ୟେକ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସ୍ଥିତି ସୁଧାରିବାକୁ ତତ୍‌ସହିତ ସମୃଦ୍ଧ ଓଡ଼ିଶାର ଭିତ୍ତି ସୁଦୃଢ଼ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

କମିଶନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଆର୍ଥିକ ଏବଂ ଅଣ-ଆର୍ଥିକ ଉଭୟ ସୁପାରିଶ କରିଛନ୍ତି। ଏହି ଅବସରରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକଙ୍କ ସହ ସଦସ୍ୟସଚିବ- ଡକ୍ଟର ସତ୍ୟପ୍ରିୟ ରଥ, ପଦାଧିକାରୀ ସଦସ୍ୟ-ତଥା- ନିର୍ଦ୍ଦେଶକ, ପୌର ପ୍ରଶାସନ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ମୁଖ୍ୟ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ସଂଜୀବ ମିଶ୍ର ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ।

# ପଛୁଆ ଅଞ୍ଚଳରେ ସ୍ଥାୟୀ ନିଯୁକ୍ତି ବୃଦ୍ଧି ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୮ ।୧(ସମିସ): କେନ୍ଦ୍ର ବଜେଟ୍ ୨୬-୨୭ ପୂର୍ବରୁ ଓଡ଼ିଶାର ପଛୁଆ ଅଞ୍ଚଳ ବିଶେଷକରି ଦକ୍ଷିଣ-ପଶ୍ଚିମର କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଜିଲ୍ଲାଗୁଡ଼ିକରେ ଗତ ବର୍ଷର ୯ ହଜାର ୧୭୬ କୋଟିର ଅତିରିକ୍ତ ପାଣ୍ଠି ସହାୟତାକୁ ବଜାୟ ରଖିବା ସହିତ ସ୍ଥାୟୀ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବାକୁ ପ୍ରହାର ପକ୍ଷରୁ ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ଗତ କେନ୍ଦ୍ର ବଜେଟରେ ପ୍ରଦାନ କରାଯାଇଥିବା ବର୍ଦ୍ଧିତ କେନ୍ଦ୍ରୀୟ ସହାୟତାକୁ ଭୂମିରେ ବ୍ୟାପକ ଭାବରେ ସ୍ୱାଗତ କରାଯାଇଛି। 'ପ୍ରହାର'ର ସଭାପତି ଓ ଜାତୀୟ ସଂଯୋଜକ ଅଭୟ ରାଜ ମିଶ୍ର କହିଛନ୍ତି ଯେ ଆଦିବାସୀ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ନିବେଶ କରିବାରେ ଓଡ଼ିଶା ସରକାରଙ୍କ ପ୍ରୟାସକୁ ଆମେ ସ୍ୱୀକାର କରୁଛୁ। ବିଶେଷକରି ଦକ୍ଷିଣ ଏବଂ ପଶ୍ଚିମ ଅଞ୍ଚଳରେ କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଜିଲ୍ଲା ଦଶନ୍ଧି ଧରି ଅବହେଳାର ସମ୍ମୁଖୀନ ହୋଇଛି। ବିଶେଷକରି ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟରେ ଆନୁଷ୍ଠାନିକ କ୍ଷେତ୍ର ନିଯୁକ୍ତି ସୃଷ୍ଟି କରିବା ପାଇଁ ନିରନ୍ତର ପ୍ରଗତି ସେତେବେଳେ ଆସିବ ଯେତେବେଳେ ବିକାଶ ଖର୍ଚ୍ଚ ଶିଳ୍ପାୟନ ଏବଂ ଉତ୍ପାଦନ ଅଭିବୃଦ୍ଧି ସହିତ ମିଶ୍ରିତ ହେବ। ଏହି ଅଞ୍ଚଳ ଗୁଡ଼ିକରେ ଆଲୁମିନିୟମ ଉତ୍ପାଦନ ଚାରିପାଖରେ ଶିଳ୍ପ ଏବଂ ଉତ୍ପାଦନ ସମ୍ଭାବନାକୁ ଉନ୍ମୋଚନ କରିବା ଦ୍ୱାରା କେବଳ ନିଯୁକ୍ତି ସୃଷ୍ଟି ହେବ ନାହିଁ ବରଂ କଲ୍ୟାଣକାରୀ ସ୍ଥାନାନ୍ତର ଉପରେ ଦୀର୍ଘକାଳୀନ ନିର୍ଭରଶୀଳତା ହ୍ରାସ ପାଇବ, ରାଜ୍ୟ ରାଜସ୍ୱ ବୃଦ୍ଧି ହେବ ଏବଂ ସ୍ଥିର ନିଯୁକ୍ତି ମାଧ୍ୟମରେ ମର୍ଯ୍ୟାଦା ପୁନରୁଦ୍ଧାର ହେବ ବୋଲି ସେ କହିଛନ୍ତି।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା କଡ଼ାକଡ଼ି

ରାଇରଙ୍ଗପୁର,୨୮ ।୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସତନ୍ତ୍ର ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଫେବ୍ରୁଆରୀ ୪ ରୁ ୬ ତାରିଖ ସକାଳ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାରେ ରାଷ୍ଟ୍ରପତିଙ୍କ ଗସ୍ତ ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ ଭାବେ ଘୋଷଣା କରାଯାଇଛି। ଫେବ୍ରୁଆରୀ ୪ରେ ରାଇରଙ୍ଗପୁରସ୍ଥିତ ଦାଣ୍ଡବୋଷରେ ପହଞ୍ଚି ହଲି ଡେ ହୋମ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ଯାଇ ଉଦ୍‌ଘାଟନ କରିବେ। ମହୁଲଡିହାସ୍ଥିତ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବା ସହ ଭଞ୍ଜବୀର ସୁନାରାମ ସୋରେନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଲୋକାର୍ପଣ କରିବେ। ରାଇରଙ୍ଗପୁରସ୍ଥିତ ଘରକୁ ଯାଇ ସେଠାରେ ଭୋଜନ କରି ବିଶ୍ରାମ କରିବେ। ଅପରାହ୍ନରେ କଚେରି ପଡ଼ିଆରେ ଲୋକାର୍ପଣ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ରାଇରଙ୍ଗପୁରସ୍ଥିତ ଘର କିମ୍ବା ଅତିଥି ଭବନକୁ ଯିବେ। ସେଠାରେ ସ୍ଥାନୀୟ ଲୋକମାନଙ୍କ ସହ ଭାବ ବିନିମୟ କରିବା ସହ ରାତ୍ରି ରହଣି କରିବେ। ତହିଁ ପରଦିନ ଡ଼କୁମେଣ୍ଟାରୀ ଚଳଚ୍ଚିତ୍ର ସୁଟିଂ ନିମନ୍ତେ ଉପରବେଡ଼ା, ପାହାଡ଼ପୁର ଓ ରାଇରଙ୍ଗପୁର ବିଭିନ୍ନ ସ୍ଥାନକୁ ଗସ୍ତ କରିବେ। ରାଇରଙ୍ଗପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବେ। ଏହାପରେ ଘରେ ମଧ୍ୟାହ୍ନ ଭୋଜନ ଗ୍ରହଣ କରି ବିଶ୍ରାମ ଅପରାହ୍ନରେ ଦାଣ୍ଡବୋଷରୁ ହେଲିକ୍ୟାପ୍ଟର ଯୋଗେ ବାହାରି ଯଶିପୁରସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିବେ। ଏହାପରେ ସ୍ୱତନ୍ତ୍ର ଗାଡ଼ିରେ ସଡ଼କ ପଥରେ ଶିମିଳିପାଳ ଭିତରକୁ ପ୍ରବେଶ କରିବେ। ଶିମିଳିପାଳ ବୁଲିବା ସହ ରାତ୍ର ଭୋଜନ କରି ରାତ୍ରୀ ରହଣୀ କରିବେ। ତହିଁ ପରଦିନ ସକାଳୁ ଶିମିଳିପାଳ ଅଞ୍ଚଳର ଆଦିବାସି ମହିଳା ଓ ଯୁବକ ମାନଙ୍କ ସମେତ ଆଲୋଚନା କରି ରାଷ୍ଟ୍ରପତି ସ୍ୱତନ୍ତ୍ର ହେଲିକେପ୍ଟରରେ ଯୋଗେ ପଶ୍ଚିମବଙ୍ଗର କୋଲେଇକୁଣ୍ଡା ଏୟାରପୋର୍ଟରେ ଯାତ୍ରା କରିବେ। ଉକ୍ତ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କଡ଼ା ସୁରକ୍ଷା ବଳୟକୁ ଦୃଷ୍ଟି ରଖି ଉକ୍ତ ଅଞ୍ଚଳ ଗୁଡିକ ୩ ଦିନ ପାଇଁ ନୋ ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଛି।

# ଓପିଏସ୍‌ସିର ପୂର୍ବତନ ସଚିବଙ୍କୁ ହାଇକୋର୍ଟରେ ହାଜର ନିର୍ଦ୍ଦେଶ

**ଡେଣ୍ଟାଲ ସର୍ଜନ ନିଯୁକ୍ତି ମାମଲା**

କଟକ,୨୮ ।୧(ସମିସ): ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ମାମଲାରେ ଓଡ଼ିଶା ଲୋକସେବା ଆୟୋଗର ପୂର୍ବତନ ସଚିବ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବେ। ଫେବ୍ରୁଆରୀ ୯ରେ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ଓପିଏସସିର ତତ୍କାଳୀନ ସଚିବ କୁମୁଦଚନ୍ଦ୍ର ମଲ୍ଲିକଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଶ୍ରୀ ମଲ୍ଲିକଙ୍କୁ ଜରୁରୀ ପୁଲିସ ନୋଟିସ ଜାରି କରିବାକୁ ହାଇକୋର୍ଟ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଅବହେଳା ହେଲେ ପୁଲିସ ବିଭାଗର ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ହାଇକୋର୍ଟ ଚେତାବନୀ ଦେଇଛନ୍ତି। ଇତିମଧ୍ୟରେ ସରକାରୀ ଚାକିରିରୁ ଅବସର ନେଇ ସାରିଥିବା ଶ୍ରୀ ମଲ୍ଲିକଙ୍କ ପେନସନ ରେକର୍ଡରୁ ତାଙ୍କ ଚାକିରି ସଂପର୍କିତ ସବିଶେଷ ତଥ୍ୟ ସରକାରଙ୍କ ତରଫରୁ ପୁଲିସକୁ ତୁରନ୍ତ ପ୍ରଦାନ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଓପିଏସସି ପକ୍ଷରୁ ଦାୟର ରିଟ୍ ଅପିଲର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨୦୧୭-୧୮ ରେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଡେଣ୍ଟାଲ୍ ସର୍ଜନ୍ ପଦରେ ନିଯୁକ୍ତି ପାଇଁ ଓପିଏସସି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ୧୯୮ଟି ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରୀକ୍ଷାର ଚୂଡାନ୍ତ ଫଳ ପ୍ରକାଶ ପରେ ୧୭୧ ଜଣ ପ୍ରାର୍ଥୀଙ୍କ ନାଁ ଓପିଏସ୍‌ସି ୨୦୧୮, ଅଗଷ୍ଟ ୯ରେ ସୁପାରିସ କରିଥିଲା। ଏମାନଙ୍କୁ ସରକାର ନିଯୁକ୍ତି ପ୍ରଦାନ କରିଥିଲେ। ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନର ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ଭୁଲ୍ ଥିବା ଅଭିଯୋଗ ହୋଇଥିଲା। ଓପିଏସ୍‌ସି ଗଠନ କରିଥିବା ବିଶେଷଜ୍ଞ କମିଟିର ୨୦୧୮, ଅକ୍ଟୋବର୍ ୫ର ରିପୋର୍ଟ ଆଧାରରେ ପ୍ରାର୍ଥୀଙ୍କ ଖାତାର ପୁନଃମୂଲ୍ୟାୟନ କରାଯାଇ ମାର୍କରେ ସଂଶୋଧନ କରାଯାଇଥିଲା। ଓପିଏସ୍‌ସି ଅନୁମୋଦନ ଆଧାରରେ ନିଯୁକ୍ତି ପାଇଥିବା ପ୍ରାର୍ଥୀଙ୍କ ସହିତ ଅନ୍ୟ ପ୍ରାର୍ଥୀଙ୍କ ମାର୍କ ସଂଶୋଧନ କରାଯାଇଥିଲା। ସଂଶୋଧନ ପରେ ନିଯୁକ୍ତିରୁ ବାଦ୍ ପଡିଥିବା କେତେକ ପ୍ରାର୍ଥୀଙ୍କ ମାର୍କଠାରୁ କମ୍ ମାର୍କ ରଖିଥିବା ପ୍ରାର୍ଥୀଙ୍କ ନାଁ ଓପିଏସ୍‌ସି ଅନୁମୋଦନ କରିଥିବା ଓ ଏପରି କମ୍ ମାର୍କ ରଖିଥିବା ପ୍ରାର୍ଥୀ ନିଯୁକ୍ତି ପାଇ ଚାକିରି କରୁଥିବା ସ୍ପଷ୍ଟ ହୋଇଥିଲା। ଜଣକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ରାୟ ବିରୋଧରେ ଓପିଏସସି ଦୁଇଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲା।

# ଥାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବେତନଟୀ ୨୮।୧(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଞ୍ଚଳର ୧୮ ନମ୍ବର ଜାତୀୟ ରାଜପଥର ତାରାକୁଟି ଛକ ନିକଟରେ ଏକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ହେଉଛନ୍ତି ମୋରଡା ଥାନା ଅନ୍ତର୍ଗତ ଘୋଳମୁହାଁ ଗ୍ରାମର କୁମୁଦ ଚନ୍ଦ୍ର ଦାସଙ୍କ ପୁଅ ବିଶ୍ୱରଂଜନ ଦାସ (୪୬)। ସୂଚନା ଅନୁସାରେ, ବିଶ୍ୱରଞ୍ଜନ ତାଙ୍କ ମାମୁଘର ବାଲେଶ୍ୱରରୁ ବାଇକ୍ ଯୋଗେ ବାରିପଦା ଅଭିମୁଖେ ଯାଉଥିବା ବେଳେ ତାରାକୁଟି ଛକ ନିକଟରେ ଏକ ଥାର ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବିଶ୍ୱରଞ୍ଜନ ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଆହତଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ନେଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଦୁର୍ଘଟଣା ଘଟାଇଥିବା ଥାର ଗାଡ଼ିଟି ତାରାକୁଟି ଗାଁ ରାସ୍ତା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ବିଶ୍ୱରଞ୍ଜନ ପ୍ରାଣୀସମ୍ପଦ ବିଭାଗର କର୍ମଚାରୀ ଥିଲେ। ତାଙ୍କର ପତ୍ନୀ ଓ ଦୁଇ ଜଣ ସନ୍ତାନ ଅଛନ୍ତି। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ବେତନଟୀ ଥାନାରେ ଏକ ଏତଲା ଦାଖଲ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ଫେରାର ଥାର ଗାଡ଼ିଟିକୁ ଧରିବାରେ ସଫଳ ହେଇଛି ଯାହାର ରେଜିଷ୍ଟ୍ରେସନ ନମ୍ବର (ଓ ଡି ୧୧ ଏ କେ ୬୧୬୧) ବୋଲି ଜଣାପଡିଛି।

